# ଚାପିଦେଲା ଟ୍ରକ୍; ବାପା ମୃତ, ଝିଅ ଗୁରୁତର

## ଚାଳକ ଅଟକ

**ରାଉରକେଲା, ୨୬।୭(ସମିସ):** ଟ୍ରକ୍ ଚାପାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ନାବାଳିକା ଝିଅ ଗୁରୁତର ଆହତ ହୋଇଛନ୍ତି। ୧୪୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ରେଲୱେ ଓଭର ବ୍ରିଜଠାରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ଦଣ୍ଡିଆପାଲି ଅଞ୍ଚଳର ଜନାର୍ଦ୍ଦନ ସ (୪୫) ଓ ଗୁରୁତର ଝିଅ ପିଙ୍କି କୁମାରୀ (୧୭)। ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ ଜବତ କରି ଚାଳକଙ୍କୁ ଅଟକ ରଖିଛି।

ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜନାର୍ଦ୍ଦନ ଓ ପିଙ୍କି ବାଇକ ଯୋଗେ ଦଣ୍ଡିଆପାଲିରୁ ବେଦବ୍ୟାସ ଆଡ଼କୁ ଯାଉଥିଲେ। ପଛପଟୁ ଦ୍ରୁତ ବେଗରେ ଟ୍ରକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦୁହେଁ ରାସ୍ତାରେ ଛିଟିକି ପଡ଼ିଥିଲେ। ଟ୍ରକ୍ ଚକ ଜନାର୍ଦ୍ଦନଙ୍କ ଜଙ୍ଘ ଓ ପେଟ ଏବଂ ପିଙ୍କିଙ୍କ ଗୋଡ଼ ଓ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ନିକଟସ୍ଥ ଘରୋଇ ଡାକ୍ତରଖାନା ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ଜନାର୍ଦ୍ଦନଙ୍କ ମୃତ୍ୟୁ ହୋଇଥିଲା। ପିଙ୍କିଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ଅପରପକ୍ଷେ ଦୁର୍ଘଟଣା ଘଟାଇ ଟ୍ରକ୍ ଚାଳକ ଗାଡ଼ି ନେଇ ଫେରାର ହେଉଥିବା ବେଳେ ବୀରମିତ୍ରପୁରଠାରେ ପୁଲିସ ଧରିବାରେ ସକ୍ଷମ ହୋଇଛି। ପିଙ୍କି ବେଦବ୍ୟାସ କଲେଜର ଯୁକ୍ତଦୁଇ ଛାତ୍ରୀ ଥିଲେ ବୋଲି ଜଣାପଡ଼ିଛି।

# ଆର୍‌ଏମ୍‌ସି ତରଫରୁ ଜନ ଅଭିଯୋଗ ଶୁଣାଣି



**ରାଉରକେଲା, ୨୬।୭(ସମିସ):** ରାଉରକେଲା ମହାନଗର ନିଗମ ତରଫରୁ ଜନସାଧାରଣଙ୍କ ଆପତ୍ତି ତଥା ଅଭିଯୋଗଗୁଡ଼ିକର ସମାଧାନ ଲାଗି ଶୁକ୍ରବାର ସ୍ଥାନୀୟ କୋଏଲନଗରସ୍ଥିତ କଲ୍ୟାଣ ମଣ୍ଡପରେ ଜନଶୁଣାଣି ଅନୁଷ୍ଠିତ ହୋଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ଏଥିରେ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୬୧ ଅଭିଯୋଗ ଆସିଥିଲା। ୱାର୍ଡ ନମ୍ବର ୩୪ ଓ ୩୫ ଅଧୀନରେ ଥିବା କୋଏଲନଗର ବାସିନ୍ଦା ସେମାନଙ୍କ ଅଭିଯୋଗଗୁଡ଼ିକ ଦାଖଲ କରିଥିଲେ। ସେଥିମଧ୍ୟରେ ମୁଖ୍ୟତଃ ଡ୍ରେନ୍ ସମସ୍ୟା, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଭଡା ସମସ୍ୟା ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା।ଏହି ଜନଶୁଣାଣିରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଡେପୁଟି କମିଶନର ଅନୀତା ନାୟକ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସହ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ଗଣଦୁଷ୍କର୍ମ: ୨ ଅଭିଯୁକ୍ତ ଗିରଫ

ରାଉରକେଲା, ୨୬।୭(ସମିସ)





ବଣାଇଁ ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ଦୁଇ ପରିଚିତ ଯୁବକ ବନ୍ଧୁ ବାଇକରେ ରାଉରକେଲା ଆଣି ଏକ ହୋଟେଲରେ ଗଣଦୁଷ୍କର୍ମ କରିବା ଘଟଣାରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଦ୍ୱୟ ହେଉଲେ ବଣାଇଁ ଥାନା ଭାଲୁଡୁଙ୍ଗୁରିର ଏତୁଆ ଓରାମ (୩୯) ଏବଂ ଶଙ୍କର କିସାନ (୪୫)। ଏହି ଘଟଣାରେ ଯୁବକ ଦ୍ୱୟ ବ୍ୟବହାର କରିଥିବା ବାଇକ୍‌କୁ ପୁଲିସ ଜବତ କରିଛି।

ବଣାଇଁ ଅଞ୍ଚଳର ଏହି ୨୦ ବର୍ଷୀୟା ଯୁବତୀ ଏବଂ ଦୁଇ ଅଭିଯୁକ୍ତ ଦିନମଜୁରିଆ ଭାବେ ଏକ ସଙ୍ଗେ କାମ କରନ୍ତି। ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୫ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ କାମରେ ନିୟୋଜିତ କରିବା ପାଇଁ ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ଛକରୁ ବାଇକ୍‌ରେ ବସାଇ ରାଉରକେଲା ନେଇ ଆସିଥିଲେ। ତେବେ ରାଉରକେଲା ରେଳ ଷ୍ଟେସନ ନିକଟ ଏକ ହୋଟେଲରେ ରଖି ଗଣଦୁଷ୍କର୍ମ କରିଥିଲେ। ଦୁଷ୍କର୍ମ ପରେ ସେମାନେ ତାଙ୍କୁ ନେଇ ବାଲିଘାଟସ୍ଥିତ ଜଣେ ଅଟୋ ଚାଳକଙ୍କ ଘରେ ଛାଡ଼ି ଦେଇଥିଲେ। ତାଙ୍କଠାରୁ ମୋବାଇଲ ଫୋନ ଓ କିଛି ଟଙ୍କା ଲୁଟିନେଇ ଦୁଷ୍କର୍ମ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇ ଅଭିଯୁକ୍ତ ଦ୍ୱୟ ଫେରାର ହୋଇଯାଇଥିଲେ।

ତେବେ ୧୯ ତାରିଖ ସକାଳେ ଯୁବତୀ ସେଠାରୁ ଆସି ବଣାଇଁ ଫେରିବାକୁ ଜଳଦା ଅଞ୍ଚଳରେ ଜାତୀୟ ରାଜପଥ କଡ଼ରେ ବସକୁ ଅପେକ୍ଷା କରିଥିଲେ। ଯୁବତୀଙ୍କ ହାବଭାବରେ ସନ୍ଦେହ କରି କିଛି ସ୍ଥାନୀୟ ବ୍ୟକ୍ତି ଜଳଦା ଫାଣ୍ଡିକୁ ସୂଚନା ଦେବା ପରେ ପୁଲିସ ତାଙ୍କୁ ପଚରାଉଚରା କରିବା ସହ ରାଉରକେଲା ସରକାରୀ ଡାକ୍ତରଖାନାର 'ସଖୀ' ଅଶ୍ରୟସ୍ଥଳରେ ରଖିଥିଲା। ସଖୀର କର୍ମଚାରୀ ଯୁବତୀଙ୍କୁ ଅଧିକ ପଚରାଉଚରା କରିବା ପରେ ତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ପରେ ସଖୀ ପକ୍ଷରୁ ପ୍ଲାଣ୍ଟସାଇଟ୍ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ଏହି ଘଟଣାରେ ଏକ ଗଣଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଯୁବତୀଙ୍କଠାରୁ ଅଭିଯୁକ୍ତ ଦ୍ୱୟଙ୍କ ମୋବାଇଲ ନମ୍ବର ଆଣି ପୁଲିସ ଟ୍ରାକିଂ ମାଧ୍ୟମରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ବାଇକ୍ ଜବତ

# କାରଗିଲ ସହିଦଙ୍କ ସ୍ମୃତିରେ ଚାରାରୋପଣ



**ରାଉରକେଲା, ୨୬।୭(ସମିସ):** କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ, ରାଉରକେଲା ଜଗନ୍ନାଥ ସେନା ଓ ପଶ୍ଚିମ ଓଡ଼ିଶା ବିକାଶ ସେନା ପକ୍ଷରୁ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଏହି ଅବସରରେ ବନ୍ଧମୁଣ୍ଡା ଡିଜେଲ କଲୋନୀସ୍ଥିତ ସହିଦ ସ୍ତମ୍ଭରେ ଯବାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସହରର ବିଭିନ୍ନ ସ୍ଥାନରେ କାରଗିଲ ସହିଦଙ୍କ ସ୍ମୃତିରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ କେନ୍ଦ୍ରୀୟ ସମ୍ପାଦକ ପ୍ରଫୁଲ୍ଲ ଲାକ୍ରା, ରାଉରକେଲା ଜଗନ୍ନାଥ ସେନାର ମୁକ୍ତିକାନ୍ତ ବିଶ୍ୱାଳ, ଗୋପାଳ ଜେନା, ସମାଜସେବୀ ଶ୍ରଦ୍ଧା ଷଡ଼ଙ୍ଗୀ, ବିନୋଦ ରାଉତଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ବିକାଶ ସେନା ସଂଯୋଜକ ଚକ୍ରାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

# ଆର୍‌ଏସ୍‌ପିରେ ନୂତନ ଚେନ୍ ଡୋଜର୍ ସେବାରେ ସାମିଲ



**ରାଉରକେଲା, ୨୬।୭(ସମିସ):** ପରିବର୍ଦ୍ଧିତ ଉତ୍ପାଦନ ତଥା କଞ୍ଚାମାଲ ପ୍ରବନ୍ଧନ ବିଭାଗରେ (ଆରଏମଏଚପି)ରେ କଞ୍ଚାମାଲ ପରିଚାଳନା ଆବଶ୍ୟକତାର ନିପୁଣ ରୂପେ ପୂରଣ କରିବା ପାଇଁ ଆର୍‌ଏସ୍‌ପି ଏକ ନୂତନ ବିଇଏମଏଲ ତିଆରି ଚେନ୍ ଡୋଜର୍ ବିଡି-୧୫୫କୁ ଏଫଏମଏମ ବିଭାଗରେ ଶୁକ୍ରବାର ସେବାରେ ନିୟୋଜିତ କରିଛି। ଏହି ଅବସରରେ ସିଜିଏମ ମେକାନିକାଲ ଆରଏନ ରାଜେନ୍ଦ୍ରନ, ଡିଜାଇନ ଓ ସମ୍ବ ବିଭାଗ ସିଜିଏମ ରବି ରଞ୍ଜନ, ଏଫଏମଏମ ଓ ପରିବହନ ବିଭାଗ ଜିଏମ ଇନ ଚାର୍ଜ ଅବକାଶ ମଲ୍ଲିକ, ଏଫଏମଏମ ବିଭାଗ ଜିଏମ ଇନ ଚାର୍ଜ ଏସଏସ ପଲ, ଏଫଏମଏମ ବିଭାଗ ଜିଏମ ଭିକେ ରାଉଳ, ଆରଏମଏଚପି ବିଭାଗ ଜିଏମ ମାଧୋ ବର୍ମା ଏବଂ ଆରଏମଏଚପି ଓ ଏଫଏମଏମ ବିଭାଗର ବହୁ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ନୂତନ ବିଇଏମ୍‌ଏଲ୍ ଚେନ୍ ଡୋଜର୍ କଞ୍ଚାମାଲ ପ୍ରବନ୍ଧନ ବିଭାଗକୁ ୱାଗନ୍ ଦ୍ୱାରା ଅଣାଯାଉଥିବା କଞ୍ଚାମାଲକୁ ଡୋଜ୍ କରିବାରେ ସାହାଯ୍ୟ କରିବ। ଏହି ଯନ୍ତ୍ରୋପକରଣ ଅନଲୋଡିଂ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସହ ସଂରକ୍ଷଣ ଏବଂ ପ୍ରକ୍ରିୟାକରଣ କ୍ଷେତ୍ରକୁ ସାମଗ୍ରୀର ସୁଗମ ଏବଂ ତ୍ୱରିତ ସ୍ଥାନାନ୍ତର ମଧ୍ୟ ସୁନିଶ୍ଚିତ କରିବ। ଏହି ନୂତନ ଯନ୍ତ୍ରୋପକରଣ ଆରଏମଏଚପିରେ ନିୟୋଜିତ ୨୦ ବର୍ଷ ପୁରୁଣା ଚେନ ଡୋଜର ବଦଳରେ କାର୍ଯ୍ୟରେ ସାମିଲ ହୋଇଛି।

ଏହାକୁ ୩ କୋଟି ଟଙ୍କା ମୂଲ୍ୟରେ କ୍ରୟ କରାଯାଇଛି। ଏଫଏମ୍ (ଏମ୍) ବିଭାଗ ଡିଜିଏମ୍ ପ୍ରୀତମ କୁଜୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଡ଼ିଶା ପ୍ରତି କେନ୍ଦ୍ର ଆଭିମୁଖ୍ୟ ନେଇ ଉଦବେଗ

**ରାଉରକେଲା, ୨୬।୭(ସମିସ):** ଚଳିତ ବଜେଟରେ ଓଡ଼ିଶା ପ୍ରତି କେନ୍ଦ୍ରର ଆଭିମୁଖ୍ୟ ନେଇ ରାଉରକେଲା ସଚେତନ ନାଗରିକ ମଞ୍ଚ ଉଦବେଗ ପ୍ରକାଶ କରିଛି। ଏନେଇ ମଞ୍ଚ ପକ୍ଷରୁ କୁହାଯାଇଛି ଯେ ଏନଡିଏର ସହଯୋଗୀ ବିହାରରୁ ୧୨ ସାଂସଦ ଥିବା ବେଳେ ୨୬ ହଜାର କୋଟି ଓ ଆନ୍ଧ୍ରପ୍ରଦେଶରେ ୧୬ ସାଂସଦ ଥିବାବେଳେ ୧୫ ହଜାର କୋଟି ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯାଇଛି। କିନ୍ତୁ ଓଡ଼ିଶା ଏକାକୀ ୨୦ ସାଂସଦ ଦେଇଥିଲେ ହେଁ ରାଜ୍ୟ ପାଇଁ ସ୍ୱତନ୍ତ୍ର ଅନୁଦାନ ନାହିଁ। ସେହିପରି ପୋଲାଭରମ ପ୍ରସଙ୍ଗରେ ନ୍ୟାୟ ପାଇଁ ଓଡ଼ିଶା ଲଢୁଥିବା ବେଳେ କେନ୍ଦ୍ର ପୋଲାଭରମ ପ୍ରକଳ୍ପ ପାଇଁ ଅଧିକ ପାଣ୍ଠି ଆବଣ୍ଟନ କରିବା ଓଡ଼ିଶା ବିରୋଧରେ ଷଡ଼ଯନ୍ତ୍ର ବୋଲି କୁହାଯାଇଛି। ମୁଦ୍ରାସ୍ଫୀତି, ମୂଲ୍ୟବୃଦ୍ଧି, ବେକାରୀ ସମସ୍ୟାର ସମାଧାନ ପାଇଁ ବଜେଟ୍‌ରେ କୌଣସି ବ୍ୟବସ୍ଥା ନାହିଁ। ଓଡ଼ିଶା ପ୍ରତିବର୍ଷ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୁଏ। ଅନ୍ୟ ରାଜ୍ୟର ଅନୁରୋଧ ରକ୍ଷାକରି ଏ ଦିଗରେ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରାଯାଇଥିବା ବେଳେ ବିପର୍ଯ୍ୟୟ ପରିଚାଳନା ଉପରେ ଓଡ଼ିଶାର ପ୍ରକୃତ ଆବଶ୍ୟକତାକୁ ବିଚାର କରାଯାଇନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ନିକଟରେ ବର୍ଷ ବର୍ଷ ଧରି ବିଚାରାଧୀନ ଥିବା ଓଡ଼ିଶାର କୋଇଲା ରୟାଲଟି ସଂଶୋଧନ ଦାବିକୁ ମଧ୍ୟ ଏଥର ପ୍ରତ୍ୟାଖ୍ୟାନ କରାଯାଇଛି। ଚଳିତ ନିର୍ବାଚନରେ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥାଇ ମଧ୍ୟ ଓଡ଼ିଶାକୁ ଅବହେଳା ନେଇ ସଚେତନ ନାଗରିକ ମଞ୍ଚ ତରଫରୁ କ୍ଷୋଭ ତଥା ଉଦବେଗ ପ୍ରକାଶ କରାଯାଇଛି।



ଏ ଦିଗରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଚାପ ପ୍ରୟୋଗ କରି ଓଡ଼ିଶା ପାଇଁ ଅଧିକ ପାଣ୍ଠି ଯୋଗାଡ଼ କରିବା ପାଇଁ ମଞ୍ଚ ସଭାପତି ଇଂ ବିମଳ କୁମାର ବିଶି, କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ଜେନା, ସାଧାରଣ ସମ୍ପାଦକ ପିପି ରାୟ, ବରିଷ୍ଠ କର୍ମକର୍ତ୍ତା ଚିତ୍ତରଞ୍ଜନ ଦାସ, ଉପେନ୍ଦ୍ର କୁମାର ନାୟକ, ଜଟାଧାରୀ ମାଝୀ, ଜଗନ୍ନାଥ ରାଉତ, ଶଶଧର ପାତ୍ର, କୁଞ୍ଜବିହାରୀ ରାଉତ, ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଦାବି କରିଛନ୍ତି।

# ମର୍ଣ୍ଣିଂ କ୍ଲବ୍ ପକ୍ଷରୁ ଫଳଚାରା ବଣ୍ଟନ

**ରାଜଗାଙ୍ଗପୁର, ୨୬।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ମର୍ଣ୍ଣିଂ କ୍ଲବ ପକ୍ଷରୁ ଜୁଲାଇ ୧୫ ତାରିଖରୁ ଏକ କାଉଣ୍ଟର ମାଧ୍ୟମରେ ଉତ୍ତମ କିସିମର ଆମ୍ବ, ଲେମ୍ବୁ, ଅମୃତଭଣ୍ଡା ସହ ବିଭିନ୍ନ ପ୍ରକାର ଫଳଚାରା ବିତରଣ କରାଯାଉଛି। ଏହି ବିତରଣ କେନ୍ଦ୍ରକୁ ରାଜଗାଙ୍ଗପୁର ବିଧାୟକ ଡାକ୍ତର ରାଜନ ଏକ୍କା, ଏସପି ପ୍ରତ୍ୟୁଷ ଦିବାକର ଏବଂ ଉପ ଜିଲ୍ଲାପାଳ ଦାସରଥି ସରାବୁ ମିଳିତ ଭାବରେ ଉଦଘାଟନ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରରେ ପ୍ରାୟ ଏକ ହଜାର ଫଳ ଚାରା ବିତରଣ କରାଯାଇ ସାରିଲାଣି। ଏହି କ୍ରମରେ ଗୁରୁବାର ରାଜଗାଙ୍ଗପୁର ବ୍ଲକ କୁଟୁଣିଆ ପଞ୍ଚାୟତ ସୁନାଖଣ୍ଡି ଗ୍ରାମରେ ଦୁଇଶହରୁ ଉର୍ଦ୍ଧ୍ୱ ଆମ୍ବଚାରା ବଣ୍ଟନ କରାଯାଇଥିଲା। ମର୍ଣ୍ଣିଂ କ୍ଲବ ସଂଯୋଜକ ଆଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ସଭ୍ୟ ସୁଭାଷ ଅଗ୍ରୱାଲ, ଅନୁପ ଅଗ୍ରୱାଲ, ପ୍ରଦୀପ କେଶରୱାନୀ ପ୍ରମୁଖ ରାଜଗାଙ୍ଗପୁରରୁ ଗଛ ନେଇ ସୁନାଖଣ୍ଡି ଗ୍ରାମରେ ଲୋକଙ୍କୁ ବଣ୍ଟନ କରିଥିଲେ। ଏହି କାର୍ଯ୍ୟରେ ପୂର୍ବତନ କୁଟୁଣିଆ ସରପଞ୍ଚ ଚୌତନ ମହାନ୍ତି ସହଯୋଗ କରି ଗ୍ରାମବାସୀଙ୍କୁ ଚାରା ଦେବା ସହ ଏହାକୁ ରୋପଣ କରି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି ଚାରା ଯୋଗାଉଥିବା ସମାଜସେବୀ କିଶୋର ମହାନ୍ତିଙ୍କୁ ଗ୍ରାମବାସୀ ଧନ୍ୟବାଦ ଜ୍ଞାପନ କରିଛନ୍ତି।



ହଜାରେ ଚାରା ବାଣ୍ଟିଲେଣି

# 'ଦୀକ୍ଷା'ରେ ୫୫ ଠିକା ଶ୍ରମିକଙ୍କୁ ତାଲିମ

**ରାଉରକେଲା, ୨୬।୭(ସମିସ):** ଆର୍‌ଏସ୍‌ପିର ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର 'ଦୀକ୍ଷା'ରେ ଗୁରୁବାର ବିଭିନ୍ନ ବିଭାଗରେ ନିୟୋଜିତ ୫୫ ଠିକା ଶ୍ରମିକଙ୍କ ପାଇଁ ସାମଗ୍ରୀ ପ୍ରବନ୍ଧନ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାର ବିଭିନ୍ନ ଅଧିବେଶନରେ ସାଧାରଣ ସୁରକ୍ଷା, ସାମଗ୍ରୀ ପ୍ରବନ୍ଧନ ସମୟରେ ଅନୁପାଳନୀୟ ସୁରକ୍ଷା ନିୟମାବଳୀ ଏବଂ କରଣୀୟ ତଥା ବର୍ଜନୀୟ ବିଷୟ ଇତ୍ୟାଦି ସୁରକ୍ଷା ଦିଗ ଅନ୍ତର୍ଭୁକ୍ତ କରାଯାଇଥିଲା। ସାମଗ୍ରୀ ପ୍ରବନ୍ଧନ ଉପରେ ପ୍ରାକ୍ଟିକାଲ୍ ଟ୍ରେନିଂ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅଧିବେଶନଗୁଡ଼ିକ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅଧୀନସ୍ଥ ଡିଟିଏନବିଡବ୍ଲ୍ୟୁଇର ଆଞ୍ଚଳିକ ନିର୍ଦ୍ଦେଶାଳୟର ଏସଆର ଗୋଛାୟାତ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପିପି ପାତ୍ରଙ୍କ ଦ୍ୱାରା ନିଆଯାଇଥିଲା। ତାଲିମ ସମାପ୍ତ ହେବା ପରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କାର୍ମିକ ବିଭାଗ ସହକାରୀ ପ୍ରବନ୍ଧକ ବିଜ୍ଞାନ ପାତ୍ର ଏବଂ କାର୍ମିକ ସିଏଲସି ବିଭାଗୀୟ ଦଳ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, କାର୍ଯ୍ୟ କ୍ଷେତ୍ରରେ ଅସୁରକ୍ଷିତ ଅଭ୍ୟାସକୁ ଦୂର କରିବା ଦିଗରେ ଦକ୍ଷତାକୁ ସମୃଦ୍ଧ କରିବା ପାଇଁ ଠିକା ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ତାଲିମ ପ୍ରଦାନ କରିବାକୁ ଏହି କେନ୍ଦ୍ର ଲକ୍ଷ୍ୟ ରଖିଛି। ତାଲିମ ପ୍ରଦାନ ସହ ରାଉରକେଲା ଏବଂ ଏହାର ଆଖପାଖରେ ଆଚରଣଗତ ସୁରକ୍ଷାରେ କୁଶଳୀ ବ୍ୟକ୍ତିଙ୍କ ଏକ ସମୂହ ସୃଷ୍ଟି କରିବା ଏହି କେନ୍ଦ୍ରର ଲକ୍ଷ୍ୟ।



# ୨୫ତମ କାରଗିଲ ବିଜୟ ଦିବସ ପାଳିତ



**ବଣାଇଁ, ୨୬।୭(ସମିସ):** ବଣାଇଁ ଆଇଟିଡିଏ ସମ୍ମିଳନୀ କକ୍ଷରେ ବିଜେପି ଯୁବମୋର୍ଚ୍ଚା ତରଫରୁ ୨୫ତମ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଙ୍କୁଶ ବର୍ମା, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଯଜ୍ଞ ପ୍ରକାଶ ସାହୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ଜିଲ୍ଲା ସଭାପତି ମନୋଜ କୁମାର ପ୍ରଧାନ, ରାହାସ ବିହାରୀ ପ୍ରଧାନ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ନୀହାର ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଜିଲ୍ଲା ସମ୍ପାଦକ ଅଭିରାମ ମହାକୁଡ଼, ଗୋବିନ୍ଦ ଚନ୍ଦ୍ର ସାହୁ, ସିଦ୍ଧ ସଂକଳ୍ପ ମିଶ୍ର, ମହିଳା ସଭାନେତ୍ରୀ ଦିବ୍ୟମଞ୍ଜରୀ ଶେଖର ଦେଓ, ଉଗ୍ରସେନ କିସାନ, ଯୁଗଳ କିଶୋର ମାହାନ୍ତ, ବିଜୟ ଠାକୁର ପ୍ରମୁଖ ଉପସ୍ଥିତ ରହି କାରଗିଲ ବିଜୟ ଉତ୍ସବ ଉପଲକ୍ଷେ ବୀର ସହିଦମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସନ୍ଧ୍ୟାରେ ଦେଓଗାଁ ଛକରେ ବିଜେପି କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ମହମବତି ଶୋଭାଯାତ୍ରାରେ ବଣାଇଁ ସହର ପରିକ୍ରମା କରିଥିଲେ।

# ବନରାଇ ପାହାଡ଼ ପାଦଦେଶରେ ବଢ଼ିଚାଲିଛି ଜବରଦଖଲ

## ରାଜସ୍ୱ ବିଭାଗ ନିରବଦ୍ରଷ୍ଟା



ବଣାଇଁ, ୨୬।୭(ସମିସ)

ବଣାଇଁ ତହସିଲ କେନ୍ଦ୍ରିକଳା ପଞ୍ଚାୟତ ଅନ୍ତର୍ଗତ ଗୁଡିଆଲି, ରାଉତାଣି, ବନ୍ଦଡିହି ରାଜସ୍ୱ ଗ୍ରାମ ଜାଗାରେ ଅବସ୍ଥିତ ବନରାଇ ପାହାଡ଼। ଏହି ପାହାଡ଼ ପାଦଦେଶରେ ରହିଛି ହେକ୍ଟର ହେକ୍ଟର ଗ୍ରାମ୍ୟ ଜଙ୍ଗଲ ଜମି ଓ ସରକାରୀ ଗୋଚର ଜମି। ତେବେ କିଛି ବର୍ଷ ହେବ ଧୀରେ ଧୀରେ ମୁଷ୍ଟିମେୟ ବ୍ୟକ୍ତି ଏହି ଜମିକୁ ଜବରଦଖଲ କରି ନିଜ ଚାଷଜମି ତିଆରି କରିବାରେ ଲାଗିପଡ଼ିଛନ୍ତି। କିଛି ସରକାରୀ ବାବୁଙ୍କୁ ଧରି ସରକାରୀ ଗୋଚର ଓ ଜଙ୍ଗଲ ଜମିକୁ ନିଜ ଅଧୀନରେ କରିବାକୁ ଚେଷ୍ଟା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

୨୦୧୫-୧୬ ମସିହାରେ ଏସବୁ ଜାଗାରେ ବନବିଭାଗ ପକ୍ଷରୁ ଚାରାରୋପଣ କରାଯାଇଥିବା ବେଳେ ଖୋଦ୍ ବିଧାୟକ ଆସି ଚାରାରୋପଣ କରିଥିଲେ। ଧୀରେ ଧୀରେ ଚାରାଗୁଡ଼ିକ ବଡ଼ ହୋଇ ସୁନ୍ଦର ପରିବେଶ ସୃଷ୍ଟି ହୋଇଥିଲା। ମାତ୍ର କିଛି ଅସାଧୁ ବ୍ୟକ୍ତି ଜଙ୍ଗଲ ଜମି ଆଳରେ ପଟ୍ଟା ମିଳିଯିବ ଭାବି ଚାଷଜମି ଲୋଭରେ ବୃକ୍ଷଗୁଡ଼ିକୁ କାଟି ଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବନବିଭାଗ ଦ୍ୱାରା ପୋତାଯାଇଥିବା ପିଲାରକୁ ମଧ୍ୟ ଘୁଞ୍ଚାଇ ଦେଇ ଜେସିବି ମେସିନ ସହାୟତାରେ ବେଧଡ଼କ ଭାବେ ଏହି ଜାଗାକୁ ଚାଷଜମିରେ ପରିଣତ କରିବା ସହ ଜବରଦଖଲ କରିଛନ୍ତି। ତେବେ ଏ ଦିଗରେ ରାଜସ୍ୱ ବିଭାଗ କିମ୍ବା ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ରାଜ୍ୟ ସରକାର ସମସ୍ତ ସରକାରୀ ଜମି ଚିହ୍ନଟ କରି ଜବରଦଖଲ ମୁକ୍ତ କରିବା ପାଇଁ ସମସ୍ତ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ବଣାଇଁ ତହସିଲର ଅନେକ ସ୍ଥାନରେ ଜବରଦଖଲ ବୃଦ୍ଧି ପାଇବାରେ ଲାଗିଛି। ଏପରି ସ୍ଥଳେ ବନରାଇ ପାହାଡ଼ ପାଦଦେଶରେ ଥିବା ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରି ଜଙ୍ଗଲ ଜମିରେ ଚାରାରୋପଣ କରିବା ସହ ଗୋଚର ଜମିକୁ ମଧ୍ୟ ସୁରକ୍ଷା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥି ସହ ଉକ୍ତ ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ସଙ୍ଗୀତ ଶିଳ୍ପୀ ସମାଜର ମାସିକ ସଭା



**ରାଉରକେଲା, ୨୬।୭(ସମିସ):** ସଙ୍ଗୀତ ଶିଳ୍ପୀ ସମାଜର ଜୁଲାଇ ମାସର ମାସିକ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସେକ୍ଟର-୧୯ କବିଚନ୍ଦ୍ର କଳାକେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସଭାପତି ଶରତ ଧଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଅମର ନାୟକ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ବରିଷ୍ଠ ତବଲା ବାଦକ ମନବୋଧ ମିଶ୍ର, ରଞ୍ଜନ ସାହୁ ଶିଳ୍ପୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତିରଞ୍ଜନ ଦାସ ବଂଶୀ ବାଦନ କରିଥିଲେ। ସୁଚିତ୍ରା ଲେଙ୍କା ଓଡ଼ିଶୀ ସଙ୍ଗୀତ ଓ ଭଜନ ଗାନ କରିଥିଲେ। ବାଦ୍ୟଯନ୍ତ୍ରରେ ଗୁରୁ ନରେନ୍ଦ୍ର ନାୟକ, ଗୁରୁ ଜଗନ୍ନାଥ ଦାସ, ଗୁରୁ ପ୍ରଫୁଲ୍ଲ ମଙ୍ଗଳ, ସୂରଜ କୁମାର ସରାଫ ପ୍ରମୁଖ ସହଯୋଗ କରିଥିଲେ। ନରସିଂହ ପାଣିଗ୍ରାହୀ, ନମିତା ନାୟକ, ରଶ୍ମିତା ମହାରଣା, ମନୀଷା ପଣ୍ଡା, କାଦମ୍ବିନୀ ପଣ୍ଡା, କୃଷ୍ଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମଙ୍ଗଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଅମର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ






ରାଉରକେଲା, ୨୬।୭ (ସମିସ)

୭୮ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ପାନପୋଷ ଆଇଟିଡିଏ ସମ୍ମିଳନୀ କକ୍ଷରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଚଳିତ ବର୍ଷ ରାଉରକେଲାରେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ପରେଡ୍ ପଡ଼ିଆରେ ସାଜସଜ୍ଜା, ସଫେଇ, ପାନୀୟ ଜଳ ଯୋଗାଣ, ଅଭ୍ୟାସ ପରେଡ୍, ଟ୍ରାଫିକ ନିୟନ୍ତ୍ରଣ, ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଏହି କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ଦେବା ପାଇଁ ଅତିରିକ୍ତ ଜିଲ୍ଲାପାଳ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଥିଲେ।

ଅଗଷ୍ଟ ୧୫ ତାରିଖ ସକାଳ ୫ଟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ ପରିବେଷଣ କରାଯିବା ସହ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସକାଳ ୬ଟାରେ ପ୍ରଭାତଫେରୀ କରିବାକୁ ନିଷ୍ପତ୍ତି ହୋଇଛି। ସକାଳ ସାଢ଼େ ୭ଟାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ। ସ୍ଥାନୀୟ ଉଦିତନଗର ପଡ଼ିଆରେ ସକାଳ ୯ଟା ୧୫ରେ ମୁଖ୍ୟଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ ଏବଂ ପରେଡରେ ଅଭିବାଦନ ଗ୍ରହଣ କରିବେ। ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଲିଖନ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଗାନ ଆଦି ପ୍ରତିଯୋଗିତା ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ତହସିଲଦାର ନିବେଦିତା ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ ଓ ଅଧ୍ୟାପକ ଉପସ୍ଥିତ ଥିଲେ।

# ହିନ୍ଦ ମଜଦୁର ସଭା ପୂର୍ବତନ ରାଜ୍ୟ ସଭାପତିଙ୍କ ଶ୍ରାଦ୍ଧବାର୍ଷିକୀ

ରାଉରକେଲା, ୨୬।୭ (ସମିସ): ରାଉରକେଲା ମଜଦୁର ସଭା ମୁଖ୍ୟ କାର୍ଯ୍ୟାଳୟରେ ବିଶିଷ୍ଟ ଶ୍ରମିକ ନେତା ତଥା ହିନ୍ଦ ମଜଦୁର ସଭାର ପୂର୍ବତନ ରାଜ୍ୟ ସଭାପତି, କେନ୍ଦ୍ରୀୟ ଉପସଭାପତି, ରାଉରକେଲା ମଜଦୁର ସଭାର ସାଧାରଣ ସମ୍ପାଦକ ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ୨ୟ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଏଥିରେ ହିନ୍ଦ ମଜଦୁର ସଭାର ବରିଷ୍ଠ ନେତା ହରେକୃଷ୍ଣ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଉପଦେଷ୍ଟା ଦେବେନ୍ଦ୍ର ଆଚାର୍ଯ୍ୟ, ବିଜେଡି ରାଉରକେଲା ମଣ୍ଡଳ ସଭାପତି ଗଗନ ପଣ୍ଡା, ସୁନ୍ଦରଗଡ଼ ଜିଲ୍ଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ଉପସଭାପତି ମହେଶ୍ୱର ମହାପାତ୍ର, ଅଜୟ ନାୟକ, ଗୌତମ ମହାରଣା, ପ୍ରତାପ ଦାସ, ଦିଲୀପ ଜେନା, ଜଗବନ୍ଧୁ ଜେନା, ଅଶୋକ କୁମାର ଜେନା, ନଟବର ପାତ୍ର, ହେମନ୍ତ କୁମାର ବାରିକ, ଦିବ୍ୟରଞ୍ଜନ ପାଣିଗ୍ରାହୀ, ଉମେଶ ଚନ୍ଦ୍ର ନାୟକ, କ୍ରିଷ୍ଣା ସା, ବିବେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସ୍ୱର୍ଗତ ନେତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ କାରଗିଲ ସହିଦମାନଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ନେତୃମଣ୍ଡଳୀ ରାଜୁ ଭାଇଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ସଭାର ଆୟୋଜକ ଓ ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଆର୍ଥିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୨୬।୭ (ସମିସ): ସୁନ୍ଦରଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ନେଇ ଶୁକ୍ରବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସ୍ଥାନୀୟ ଡେପୁଟି ଶାଖା ପରିଚାଳକ ଜୀବନ କୁମାର ସାହୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ



ଏବଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଆର୍ଥିକ ପରାମର୍ଶଦାତା ମୁକୁନ୍ଦ ମାଝୀ ଆର୍ଥିକ ଧାରଣା ସଚେତନତା ଓ ପ୍ରୋବେସନାରୀ ଅଫିସର ନନ୍ଦିନୀ ଓରାମ ନିଜ ଅଭିଜ୍ଞତା ସହ ଛାତ୍ରୀମାନଙ୍କୁ ବ୍ୟାଙ୍କିଙ୍ଗରେ କ୍ୟାରିଅର ଜାରି ରଖିବା, ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର ସ୍ୱରୂପ ରଞ୍ଜନ ପଟେଲ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଧାରଣା ସଚେତନତା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର ଜ୍ୟୋତିରାଣୀ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୱାର୍ଡ ମେମ୍ବରଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା, ୨୬।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ଗତ ୨୩ ତାରିଖରୁ ୱାର୍ଡମେମ୍ବରମାନଙ୍କୁ ନେଇ ଚାଲିଥିବା ୪ ଦିନିଆ ରିଫ୍ରେସର ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ସମ୍ମାନିତ ଅତିଥି ଭାବେ ନୂଆଗାଁ ବିଡିଓ ଜ୍ୟୋତିବିକାଶ ଦାସ, ସହକାରୀ ବିଡିଓ ସମରେନ୍ଦ୍ର କୁମାର ସର, ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରଦୀପ କୁମାର ସାହୁ, ଏପିଓ ସ୍ନେହାଞ୍ଜଳି ପତି, ବିପିସି ସୁରେଶ କୁମାର ସାହୁ, ସିପି ସଞ୍ଜୀବ କୁମାର ସୋରେଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଗାଁ ବ୍ଲକର ୨୦ ପଞ୍ଚାୟତରୁ ଦୁଇ ଶହରୁ ଊର୍ଦ୍ଧ୍ୱ ୱାର୍ଡ ମେମ୍ବର ଯୋଗଦେଇ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ଅବଗତ ହୋଇଥିଲେ। ବିଶେଷକରି ସାମ୍ପ୍ରତିକ ସ୍ଥିତିରେ ପଞ୍ଚାୟତ ଓ ୱାର୍ଡଗୁଡ଼ିକରେ ସରକାରଙ୍କ ତରଫରୁ କରାଯାଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ, ନିଜ ୱାର୍ଡରେ ଚାଲିଥିବା ବା




ହେବାକୁ ଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିବା, କାର୍ଯ୍ୟର ମାନ ଦେଖିବା ତଥା ନିଜ ୱାର୍ଡର ବିକାଶରେ ସାମିଲ ହେବା ଆଦି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ୱାର୍ଡ ମେମ୍ବରମାନଙ୍କୁ ଅବଗତ କରାଯାଇଥିଲା। ଜଣେ ୱାର୍ଡମେମ୍ବରଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଏବଂ କ୍ଷମତା ବିଷୟରେ ସେମାନଙ୍କୁ ସଚେତନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସଆଇଆରଡି ମାନ୍ୟତାପ୍ରାପ୍ତ ମାଷ୍ଟର ଟ୍ରେନର ବାଲମୁକୁନ୍ଦ ଶୁକ୍ଲା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ନବୀନଙ୍କୁ କୃତଜ୍ଞତା ଜଣାଇଲେ ବିଜେଡି କର୍ମକର୍ତ୍ତା

ସୁନ୍ଦରଗଡ଼, ୨୬।୭ (ସମିସ): ଓଡ଼ିଶାକୁ ପଶ୍ଚିମବଙ୍ଗ ଆଳୁ ଯୋଗାଣ ବନ୍ଦ କରିଦେଇଥିବାରୁ ବର୍ତ୍ତମାନ ରାଜ୍ୟରେ ଆଳୁର ଘୋର ଅଭାବ ଦେଖାଦେଇଛି। ଦର ବଢ଼ିବାରେ ଲାଗିଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାକୁ ପୂର୍ବପରି ଆଳୁ ଯୋଗାଇଦେବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଏଣୁ ସୁନ୍ଦରଗଡ଼ ବିଜେଡି ତରଫରୁ ଜିଲ୍ଲା ଉପସଭାପତି ଜୟନାରାୟଣ ତ୍ରିପାଠୀ, ଜନ୍ମେଜୟ ମହାପାତ୍ର, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଜିଲ୍ଲା ବିଜେଡି ଛାତ୍ର ସଭାପତି ସେହେବାଜ ହୁସେନ, ଛାତ୍ର ଟାଉନ ସଭାପତି ନରଦୀପ ସିଂ, କାଉନସିଲର କୈଳାସ ତନ୍ତି, ଆଜହାର ହୁସେନ, ବିଜେଡି ଯୁବନେତା ପଙ୍କଜ ଶ୍ରେଷ୍ଠ, ତ୍ରିଲୋଚନ କାକ, ସୁଶାନ୍ତ ଦେବ, ଋତୁରାଜ ପୁରୋହିତଙ୍କ ସମେତ ଶତାଧିକ ଦଳୀୟ କର୍ମୀ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

● ଏମ୍‌ସିଏଲ ବସୁନ୍ଧରା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

# ୧୭୫ ଜଣ ଚିକିତ୍ସିତ ହୋଇ ଔଷଧ ନେଲେ

ହେମଗିରି, ୨୬।୭ (ସମିସ): ହେମଗିରି ବ୍ଲକ ଗଡ଼ତୁମୁଲିଆ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏମ୍‌ସିଏଲ୍ ବସୁନ୍ଧରା ପକ୍ଷରୁ ସାଧାରଣ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଅଞ୍ଚଳର ବହୁ ମହିଳା, ପୁରୁଷ ତଥା ଛାତ୍ରଛାତ୍ରୀ ନିଜ ଆଖି, ନାକ, କାନ, ଗଳା ପରୀକ୍ଷା କରି ଔଷଧ ନେଇଥିଲେ। ସମସ୍ତଙ୍କୁ ବଂଶଗତ ରୋଗ, କୃମିଜନିତ ରୋଗ, ଯକ୍ଷ୍ମା, ଶ୍ୱାସଜନିତ ରୋଗ ତଥା ହାତ ଧୋଇବାର ବିଭିନ୍ନ ସୋପାନ ସମ୍ବନ୍ଧରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଖଣି ପ୍ରବନ୍ଧକ ପିବି ରେଡ୍ଡୀ, ପ୍ରକଳ୍ପ ଅଧିକାରୀ ମନୋରଞ୍ଜନ ଦାସ, ଏରିଆ ଚିକିତ୍ସାଳୟ ଡାକ୍ତର ସୁରେଶ କୁମାର ସାହୁ, ଏରିୟା ପର୍ସୋନେଲ ଅଶୋକ କୁମାର ପାତ୍ର




ପ୍ରମୁଖଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଉଦିତ ସେଠ, ସରପଞ୍ଚ ଶେଷବତୀ ପ୍ରଧାନ, ପୂର୍ବତନ ସରପଞ୍ଚ କୁମୁଦ ପ୍ରଧାନ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ମୋଟ ୧୭୫ ଜଣଙ୍କ ବିଭିନ୍ନ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।

# ସେକ୍ଟର-୧୬ରେ ଯୁବତୀଙ୍କ ଆତ୍ମହତ୍ୟା

ରାଉରକେଲା, ୨୬।୭ (ସମିସ): କୌଣସି କାରଣରୁ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ସେକ୍ଟର-୧୫ ଥାନାରେ ଲିଖିତ ଅଭିଯୋଗ ହୋଇଛି। ମୃତକ ହେଲେ ସେକ୍ଟର-୧୬ ସି ବ୍ଲକ ଝୁମ୍ପୁଡ଼ିର ଇତିଶ୍ରୀ ସାହୁ (୨୨)। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ସୂଚନା ମୁତାବକ, ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ପରିବାର ଲୋକେ ଘର ବାହାରେ ଛିଡ଼ା ହୋଇଥିଲେ। ଏହି ସମୟରେ ଇତିଶ୍ରୀ ଏକ ଚୁନ୍ନି ସାହାଯ୍ୟରେ ଫାଶୀ ଲଗାଇ ପଙ୍ଖାରେ ଝୁଲିପଡ଼ିଥିଲେ। ପରିବାର ଲୋକେ ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ି ନାହିଁ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ଗାଡ଼ି ଧକ୍କାରେ ଗାଈର ଗୋଡ଼ ଭାଙ୍ଗିଲା

ହେମଗିରି, ୨୬।୭ (ସମିସ): ହେମଗିରି ଗ୍ରାମ ମୁଖ୍ୟରାସ୍ତାରେ ଗୁରୁବାର ବିଳମ୍ବିତ ରାତିରେ କୌଣସି ଅଜଣା ଗାଡ଼ି ଧକ୍କାରେ ଏକ ଗାଈର ଗୋଡ଼ ଭାଙ୍ଗିଯାଇଛି। ଗ୍ରାମର ଯୁବକ ତଥା ପ୍ରାଣୀ ଚିକିତ୍ସା ସହାୟକଙ୍କ ଉଦ୍ୟମରେ ଗାଈର ଚିକିତ୍ସା କରାଯାଇ ଏକ ଦୋକାନ ଗୃହ ସମ୍ମୁଖରେ ରଖାଯାଇଛି। ଏହି ରାସ୍ତାରେ ସବୁବେଳେ ଗାଈଗୋରୁଙ୍କ ଭିଡ଼ ଲାଗି ରହୁଛି। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ଅତି ଜରୁରୀ ସେବା ପ୍ରଦାନକାରୀ ଗାଡ଼ି ଯାତାୟାତରେ ବାଧା ଉପୁଜୁଛି। ଗୋରୁ ମାଲିକମାମାନେ ସେମାନଙ୍କୁ ନିଜ ଗୁହାଳରେ ବନ୍ଧି ନ ରଖିବାକୁ ବାରମ୍ବାର ଦୁର୍ଘଟଣା ଘଟି ସେମାନେ ମୃତାହତ ହେବା ସହ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ମାଲିକମାନେ ଏତିପ୍ରତି ଯତ୍ନବାନ ହେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ସୁନ୍ଦରଗଡ଼ କଲେଜରେ କାର୍ଗିଲ ବିଜୟ ଦିବସ ପାଳିତ

ସୁନ୍ଦରଗଡ଼, ୨୬।୭ (ସମିସ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ କାର୍ଗିଲ ବିଜୟ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ବୀରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି କାର୍ଗିଲ ବିଜୟ ଦିବସର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ. କୁଳମଣି ବେହେରା ସହିଦମାନଙ୍କ ତ୍ୟାଗ ଓ ବୀରତ୍ୱକୁ ସ୍ମରଣ କରାଇଥିଲେ। ସମସ୍ତ ଏନ୍‌ସିସି ସ୍ୱେଚ୍ଛାସେବୀ, ଅଧ୍ୟାପକ ଅଧ୍ୟାପିକା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଏନ୍‌ସିସି ଅଧିକାରୀ ମନୋଜ କୁମାର ଲାକ୍ରା ଧନ୍ୟବାଦ ଦେଇଥିଲେ। ସହକାରୀ ପ୍ରଫେସର ନୂତନ ଖମାରୀ, ଡ. ଅନିମା ତିର୍କୀ, ପ୍ରକାଶ କୁମାର ସାହୁ, ଡ. ବସନ୍ତ କୁମାର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।



# ବୀରମିତ୍ରପୁରରେ କାରଗିଲ ବିଜୟ ଦିବସ ପାଳିତ



ରାଉରକେଲା, ୨୬।୭ (ସମିସ): ବୀରମିତ୍ରପୁର ବିର୍ସା ମୁଣ୍ଡା ବସଷ୍ଟାଣ୍ଡରେ ବିଜେପି ଯୁବମୋର୍ଚ୍ଚା ତରଫରୁ କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଏହି ଅବସରରେ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଯୁବମୋର୍ଚ୍ଚାର ସୁନୀଲ ତିୱାରୀଙ୍କ ସଭାପତିତ୍ୱରେ ଅଶୋକ ଠାକୁର, ଜୟନ୍ତ ଦାସ, ବିଜୟ ସୁୱାନି, ବସନ୍ତ ସାହୁ, ପ୍ରଦୀପ ପଣ୍ଡା ପ୍ରମୁଖ ବିର୍ସା ମୁଣ୍ଡା ବସଷ୍ଟାଣ୍ଡରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ତିୱାରୀ ତାଙ୍କର ବକ୍ତବ୍ୟରେ ସହିଦମାନଙ୍କ ବଳିଦାନ ଓ ସାହସର ପ୍ରଶଂସା କରିଥିଲେ। ଅନ୍ୟ ଏକ ସମାରୋହରେ ବୀରମିତ୍ରପୁର ବିକାଶ ମଞ୍ଚ ତରଫରୁ ଜଗଦୀଶ ଅଗ୍ରୱାଲ, ବିକେ ଶୁକ୍ଲା, ଲାଲନ ଶ୍ରୀବାସ୍ତବ, ବିକ୍ରମ ପଟ୍ଟନାୟକ ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଏନ୍‌ଆଇଟିରେ କାର୍ଗିଲ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୨୬।୭ (ସମିସ)

ରାଉରକେଲା ଏନଆଇଟିର ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର (ଏସଏସି) ପରିସରରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଛି। ଏହି ଅବସରରେ ଅମର କାର୍ଗିଲ୍ ବୀରମାନଙ୍କ ସାହସ ଏବଂ ବଳିଦାନକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଟାଇଗର ହିଲ୍ ସହିଦ ସୁବେଦାର ଯୋଗେନ୍ଦ୍ର ସିଂ ଯାଦବ ଏବଂ କ୍ୟାପଟେନ ବିକ୍ରମ ବାତ୍ରାଙ୍କ ବୀରତ୍ୱ କାହାଣୀକୁ ସ୍ମରଣ କରି ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଲେ, ସେମାନଙ୍କ ସାହସ ଏବଂ ବଳିଦାନ ସବୁଦିନ ପାଇଁ ଆମ ହୃଦୟ ଏବଂ ମନରେ ଲିପିବଦ୍ଧ ହୋଇ ରହିଯାଇଛି। ସେମାନଙ୍କ ସହନଶୀଳତା ତଥା ଦେଶପ୍ରେମ ଆମ ସମସ୍ତଙ୍କୁ ସବୁବେଳେ ଉତ୍ସାହ ଓ ପ୍ରେରଣା ଯୋଗାଇବ।

ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା କହିଲେ, ଅମର କାର୍ଗିଲ ହିରୋମାନଙ୍କ ବୀରତ୍ୱ ଏବଂ ନିଃସ୍ୱାର୍ଥପରତା ବାସ୍ତବିକ ଅଭିନନ୍ଦନୀୟ। ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ସେମାନଙ୍କ ଭୂମିକା ଏବଂ ବଳିଦାନ ଅତୁଳନୀୟ। ଏହା ଆମ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରେରଣା ପ୍ରଦାନ କରିବ। ଏସଏସି ସଭାପତି ପ୍ରଫେସର ରାଜୀବ ପଣ୍ଡା ଏହି ଐତିହାସିକ ଦିନକୁ ସ୍ମରଣ କରି ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏକ ଶକ୍ତିଶାଳୀ ତଥା ଅଧିକ ମିଳିତ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ଇନଚାର୍ଜ ପି. ନିରଜାଙ୍କ ସମେତ ଅଧ୍ୟାପିକା, କର୍ମଚାରୀ, ଛାତ୍ର, ସୁରକ୍ଷା କାର୍ଯ୍ୟାଳୟର ସଦସ୍ୟ ତଥା ଅନ୍ୟ ଏସଏସି ଅଧିକାରୀ ଯୋଗଦେଇ କାର୍ଗିଲ ହିରୋମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ସକାଳ
THE SAKALA



# ବଡ଼ ଧରଣର ଗଞ୍ଜେଇ ଚୋରା ଚାଲାଣର ପର୍ଦ୍ଦାଫାସ୍; ୬ ଗିରଫ

## ୩୩୭ କିଲୋ ଗଞ୍ଜେଇ ସହ ଗାଡ଼ି, ନଗଦ ଟଙ୍କା, ମୋବାଇଲ ଜବତ

ଟିଟିଲାଗଡ଼, ୨୬।୭ (ସମିସ)

ବଲାଙ୍ଗିର ଏସପିଙ୍କ ତତ୍ତ୍ୱାବଧାନରେ ପୁଲିସ ଏକ ବଡ଼ ଧରଣର ଗଞ୍ଜେଇ ଚୋରା କାରବାରର ପର୍ଦ୍ଦାଫାସ କରିଛି। ଅପରାହ୍ନରେ ଟିଟିଲାଗଡ଼ ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ରିଷିକେଶ ଖିଲାରୀ ବିସ୍ତୃତ ତଥ୍ୟ ଦେଇଛନ୍ତି।

କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରୁ ନିୟମିତ ଭାବରେ ଗଞ୍ଜେଇ ଟିଟିଲାଗଡ଼, କଣ୍ଟାବାଞ୍ଜି ଦେଇ ରାୟପୁର ଅଞ୍ଚଳକୁ ଚାଲାଣ ହେଉଥିଲା। ଖବର ପାଇ ପୁଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ପୁଲିସ ଟିମ ଟିଟିଲାଗଡ଼ରେ ଏକ ପିକଅପ ଏବଂ କଣ୍ଟାବାଞ୍ଜିରୁ ଏକ ବୋଲେରୋରୁ ରେକର୍ଡ ପରିମାଣର ୩ କ୍ୱିଣ୍ଟାଲ ୩୭ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି।



ଏନେଇ ବାଲିଗୁଡା ଥାନା ଗୁଳିମରା ଗ୍ରାମର ପ୍ରଭାତ ମୁନି, ମୁଠାବାଲି ଗ୍ରାମର ଶୁଭନାଥ ମହାନନ୍ଦ, ପୂର୍ଣ୍ଣ ବେସରା, ଲନ୍ଦାଗ୍ରାମର ପ୍ରଶାନ୍ତ ନାଏକ, ଘୋଡାବାଲି ଗ୍ରାମର ରାଜୁ ରଣା, ବଙ୍ଗୋମୁଣ୍ଡା ଥାନା ବେଲପଡ଼ା ଗ୍ରାମର ବୁଢ଼ୀସାଗର ମେହେରଙ୍କୁ ପୁଲିସ ଗିରଫ ସହ ଆଜି କୋର୍ଟ ଚାଲାଣ କରିଛି। ଏହା ସହ ଦୁଇଟି ଗାଡି ସମେତ ୬ ମୋବାଇଲ ଫୋନ, ୯୦୦ ଟଙ୍କା ପୁଲିସ ଜବତ କରିଛି। ଟିଟିଲାଗଡ଼ ଥାନାଧିକାରୀ ଅବନୀ ସାହୁ, ସବଇନ୍ସପେକ୍ଟର କିରଣ ଜାନି, ଦେବାଶିଷ ଶତପଥୀ, କଣ୍ଟାବାଞ୍ଜି ଥାନା ଏବଂ ଉପଖଣ୍ଡ ଟିଟିଲାଗଡ଼ ପୁଲିସ ପକ୍ଷରୁ ଶୁକ୍ରବାର ସକାଳୁ ଚଢ଼ଉ କରାଯାଇଥିଲା। ରଶ୍ମିତା ବେହେରା, ସବ ଇନ୍ସପେକ୍ଟର ଅଭିନାଶ ନାଏକ, ବଙ୍ଗୋମୁଣ୍ଡା ଥାନାଧିକାରୀ ସଞ୍ଜୀବ ପ୍ରଧାନ ଏହି ଯୁଗ୍ମ ପୁଲିସ ଟିମରେ ସାମିଲ ଥିଲେ। ବାଲିଗୁଡ଼ାରୁ ବେଲଗାଁ ରାସ୍ତା ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସ ସଜାଗ ଦୃଷ୍ଟି ରଖିଥିବାରୁ ଏହି ବଡ଼ ସଫଳତା ମିଳିଲା ବୋଲି ଏସପି ଶ୍ରୀ ଖିଲାରୀ କହିବା ସହ ତାଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମର ସମସ୍ତ ସଦସ୍ୟଙ୍କ ରାତିଦିନ ପରିଶ୍ରମ ନେଇ ପ୍ରଶଂସା କରିଥିଲେ।

■ ହରଭଙ୍ଗା ବ୍ଲକରେ ସାମାଜିକ ସୁରକ୍ଷା ଆଇନ ଦିଗହରା

# ବ୍ୟାଙ୍କ ଖାତାରେ ମିଳୁନି ଭତ୍ତା

**ଚାରିଛକ, ୨୬।୭(ସମିସ):** ସରକାରଙ୍କ ସମସ୍ତ ଜନହିତକର ଯୋଜନାର ସ୍ୱଚ୍ଛତା ଆଣିବା ପାଇଁ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତା ଜରିଆରେ ପ୍ରାପ୍ୟ ପାଇଁ ସବୁ ବିଭାଗକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଉଲ୍ଲଂଘନ କରି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ସାମାଜିକ ସୁରକ୍ଷା ନିୟମକୁ ଖୋଲାଖୋଲି ବେଖାତିର କରାଯାଉଥିବା ଅଭିଯୋଗ ହେଉଛି। ଯାହାଫଳରେ ପାଖାପାଖି ୧୩ ହଜାର ଭତ୍ତା ହିତାଧିକାରୀ ବ୍ୟାଙ୍କ ଖାତା ଜରିଆରେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି।

ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମଙ୍କୁ କିଭଳି ଭତ୍ତା ଟଙ୍କା ସୁବିଧାରେ ମିଳି ପାରିବ ସେ ଦିଗରେ ସରକାର ଦୃଷ୍ଟି ଦେବା ସହ ଭତ୍ତା ଟଙ୍କା ବ୍ୟାଙ୍କ ଜମା ଖାତାରେ ସିଧାସଳଖ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୂଆ ନିୟମ ଅନୁସାରେ ମଧୁବାବୁ ପେନସନ, ଜାତୀୟସ୍ତର ଭତ୍ତା ପାଉଥିବା ହିତାଧିକାରୀମାନେ ତାଙ୍କ ଭତ୍ତା ଟଙ୍କା ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ସିଧାସଳଖ ପ୍ରେରଣ କରାଯିବ ପାଇଁ ନିର୍ଦ୍ଦେଶ ରହିଥିଲା। ପ୍ରଥମେ ଏହି ନିୟମକୁ ୧୫ ଡିସେମ୍ବର ୨୦୧୯ ସୁଦ୍ଧା ମ୍ୟୁନିସିପାଲିଟି, ଏନଏସି ଏବଂ ବ୍ଲକ ବ୍ଲକ ତଥା ପଞ୍ଚାୟତ ଗୁଡିକରେ ଲାଗୁ କରାଯିବା ପାଇଁ ନିର୍ଦ୍ଦେଶ ରହିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ଜାନୁଆରୀ ୨୦୨୦ରୁ ସମସ୍ତ ହିତାଧିକାରୀଙ୍କ ଭତ୍ତା ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପଠାଇବା ପାଇଁ ସାମାଜିକ ସୁରକ୍ଷା ସଚିବ କଡା ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ସଚିବଙ୍କ ନିର୍ଦ୍ଦେଶକୁ ୪ବର୍ଷ ପୂରିଥିବା ବେଳେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ କେବଳ କେନ୍ଦ୍ର ସରକାରଙ୍କ ଇନ୍ଦିରାଗାନ୍ଧୀ ଜାତୀୟ ଭତ୍ତା ହିତାଧିକାରୀଙ୍କୁ ବ୍ୟାଙ୍କ ଖାତା ଜରିଆରେ ଟଙ୍କା ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ହଜାର ହଜାର ହିତାଧିକାରୀଙ୍କୁ ବ୍ୟାଙ୍କ ଖାତା ଜରିଆରେ ଭତ୍ତା ଟଙ୍କା ପ୍ରଦାନ କରାନଯିବା ପଛରେ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ପୁରୁଣା ଢାଞ୍ଚାରେ ଭତ୍ତା ଟଙ୍କା ବଣ୍ଟନ କାର୍ଯ୍ୟ ଚାଲିଥିବାରୁ କେଉଁଠି ଭତ୍ତା ଟଙ୍କା ଚୋରି ଘଟଣା ନଜର ଆସୁଥିବା ବେଳେ କେଉଁଠି ମୃତ ବ୍ୟକ୍ତିଙ୍କ ଭତ୍ତା ଟଙ୍କା ହଡ଼ପ ଭଳି ସାଂଘାତିକ ଅଭିଯୋଗ ହେଉଛି। ଏଥିପ୍ରତି ସାମାଜିକ ସୁରକ୍ଷା ସଚିବ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ନିୟମ କାର୍ଯ୍ୟକାରିତାରେ ଅବହେଳା କରିଥିବା ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

# ସରପଞ୍ଚଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ



**ଡୁଙ୍ଗୁରିପାଲି, ୨୬।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମ୍ମୁଖରେ ଇଚ୍ଛାପୁର ସରପଞ୍ଚ ପ୍ରଶାନ୍ତ ସାହୁଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତର୍କିତ ଭାବେ ଖଣ୍ଡା ଓ ଲୁହା ରଡ୍‌ରେ ଗୋଡ଼ାଇ ଗୋଡ଼ାଇ ହାଣିଲେ। ଏହି ଆକ୍ରମଣରେ ସରପଞ୍ଚ ଶ୍ରୀ ସାହୁ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସୂଚନା ଅନୁଯାୟୀ, ଶ୍ରୀ ସାହୁ ଡୁଙ୍ଗୁରିପାଲି ବ୍ଲକ ଅଫିସକୁ କୌଣସି କାମରେ ଆସିଥିଲେ। କାମ ସାରି ନିଜ କାର୍‌ରେ ବସିଥିବା ବେଳେ କାର ଭିତରୁ ଦୁଇଜଣ ତାଙ୍କୁ ଟାଣି ଆଣି ଖଣ୍ଡା ଓ ଲୁହା ରଡ୍ ଧରି ଆକ୍ରମଣ କରିଥିଲେ। ସରପଞ୍ଚଙ୍କୁ ଲୋକେ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଡୁଙ୍ଗୁରିପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚଙ୍କ କାର ଓ ଆକ୍ରମଣ କରିଥିବା ଲୁହା ରଡକୁ ଜବତ କରି ଅଧିକ ତଦନ୍ତ କରୁଛି। ଆକ୍ରମଣର କାରଣ ଅସ୍ପଷ୍ଟ ରହିଛି।

# ଅଧିକ ଦରରେ ସମବାୟ ସମିତିକୁ ୟୁରିଆ ଯୋଗାଣ

**ବୌଦ୍ଧ, ୨୬।୭(ସମିସ):** ବୌଦ୍ଧ ମାର୍କଫେଡ ଗୋଦାମରେ ସର୍ବାଧିକ ବିକ୍ରି ମୂଲ୍ୟ ଠାରୁ ଅଧିକ ଦରରେ ସମବାୟ ସମିତିଗୁଡ଼ିକୁ ୟୁରିଆ ସାର ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲାରେ ଥିବା ୪୨ଟି ପ୍ରାଥମିକ କୃଷି ସମବାୟ ସମିତି ମାର୍କଫେଡଠାରୁ ସାର ନେଇ ଚାଷୀ ମାନଙ୍କୁ ବସ୍ତାରେ ଲେଖା ଯାଇଥିବା ଏମଆରପି ୨୬୬ ଟଙ୍କା ୫୦ ପଇସାରେ ବିକ୍ରି କରିବା କଥା; ମାତ୍ର ମାର୍କଫେଡ ପରିବହନ ଖର୍ଚ୍ଚ ଓ ହ୍ୟାଣ୍ଡଲିଂ ଖର୍ଚ୍ଚ ସହ ବସ୍ତା ପ୍ରତି ୨୭୩ ଟଙ୍କାରେ ୟୁରିଆ ସାର କିଛି ସମିତିକୁ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ମାର୍କଫେଡଠାରୁ ୨୭୩ ଟଙ୍କାରେ ସମବାୟ ସମିତି ୟୁରିଆ କିଣି ୨୬୬ ଟଙ୍କା ୫୦ ପଇସାରେ ଚାଷୀମାନଙ୍କୁ ବିକ୍ରୀ କଲେ ସମିତି ମାନେ କ୍ଷତି ସହିବେ ବୋଲି ସମବାୟ ସମିତି ସମୂହ ଉପ ନିବନ୍ଧକଙ୍କ ନିକଟରେ ସମବାୟ ସମିତି ଗୁଡିକ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବୌଦ୍ଧ ମାର୍କଫେଡ ଗୋଦାମର ଭାରପ୍ରାପ୍ତ ପରିଚାଳକ ସଚ୍ଚିଦାନନ୍ଦ ମିଶ୍ର ନିଜ ପ୍ରତିକ୍ରିୟା ଦେଇଛନ୍ତି ଯେ ରେଲୱେ ରେକରୁ ସିଧାସଳଖ ସମବାୟ ସମିତିଗୁଡ଼ିକରେ ସାର ପହଞ୍ଚିଲେ ମୂଲ୍ୟ କମ ରହି ପାରିବ; କିନ୍ତୁ ମାର୍କଫେଡ଼ ଗୋଦାମ ଜରିଆରେ ସାର ଯୋଗାଣ ହେଉଥିବାରୁ ମୂଲ୍ୟ ଅଧିକ ରହୁଛି। ତେବେ ବିଗତ ବର୍ଷରେ ୟୁରିଆ ସାର ବ୍ୟାପକ କଳାବଜାର ହେବା ଯୋଗୁଁ ଚାଷୀ ଆନ୍ଦୋଳନ ହୋଇଥିବାର ନଜିର ରହିଛି। ତେଣୁ ସମବାୟ ସମିତି ମାନେ କ୍ଷତିକୁ ଦୃଷ୍ଟିରେ ରଖି ୟୁରିଆ ସାର ଉଠାଣ ନକଲେ କଳାବଜାରୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମାନେ ଦାବୀ କରିଛନ୍ତି।

ବୌଦ୍ଧ ମାର୍କଫେଡ



# ଝାଡ଼ାବାନ୍ତିରେ ମହିଳା ମୃତ

**ନୂଆପଡ଼ା, ୨୬।୭(ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ଅଧୀନ ନାଗପଡ଼ା ପଞ୍ଚାୟତର ମାକରବିର୍ଲି ଗାଁରେ ଝାଡ଼ାବାନ୍ତି ରୋଗରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ହୁମେ ମାଝୀ (୨୦)। ସେ ଗତକାଲି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଆଜି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମହିଳା ଜଣକ ଜଣକ ଗୁରୁବାର ଝାଡା ଓ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଜଙ୍ଗଲ ଭିତର ଗାଁ। ରାତିରେ କୌଣସି ଗମନା ଗମନ ବ୍ୟବସ୍ଥା ନ ଥିବାରୁ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗାଡ଼ିଆସି ଉଦ୍ଧାର କରି ୬୦କିମି ଦୂର ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲା। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ପରିତ୍ୟକ୍ତ କୂଅରେ ପଡ଼ି ନାବାଳକ ମୃତ

**ଭବାନୀପାଟଣା, ୨୬।୭ (ସମିସ):** ଭବାନୀପାଟଣା ସହରସ୍ଥିତ ଜେନାଖାଲପଡ଼ାରେ ରହୁଥିବା ପିଣ୍ଟୁ ନାୟକଙ୍କ ୭ବର୍ଷର ପୁଅ ପ୍ରିନ୍ସ ନାୟକ ଏକ ପରିତ୍ୟକ୍ତ କୂଅରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟାରେ ଖେଳୁଥିବାବେଳେ ହଠାତ୍ କୂଅରେ ଗଳି ପଡ଼ିଥିଲେ। ପରିବାର ଲୋକ ବିଳମ୍ବରେ ଖବର ପାଇ ଅଗ୍ନିଶମ ବିଭାଗ ଓ ପୁଲିସକୁ ତୁରନ୍ତ ଜଣାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରି ପ୍ରିନ୍ସକୁ କୂଅ ଭିତରୁ ଉଦ୍ଧାର କରି ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଟାଉନ ଥାନା ପୁଲିସ ଘଟଣାର ତଦନ୍ତ କରୁଛି।

# କଳାକାର କହ୍ନେଇ ଚରଣ ସାହୁଙ୍କ ପରଲୋକ

**ତରଭା, ୨୬।୭(ସମିସ):** ତରଭା ଅଞ୍ଚଳର ବିଶିଷ୍ଟ କଳାକାର କହ୍ନେଇ ଚରଣ ସାହୁ(୮୨) ଆଉ ନାହାନ୍ତି। ଶୁକ୍ରବାର ସନ୍ଧ୍ୟା ୬.୩୦ରେ ତାଙ୍କର ରାମଜୀପଡ଼ା ବାସଭବନରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୁଦେସେନ୍ନା, ପୁତ୍ର ସତ୍ୟନାରାୟଣ, ନନ୍ଦି କିଶୋର, ଯତୀନ୍ଦ୍ର, ବିକାଶ ଉପସ୍ଥିତ ଥିଲେ। କହ୍ନେଇ ତରଭା ପୌର୍ଣ୍ଣମାସୀ କ୍ଲବ ତରଫରୁ ମଞ୍ଚସ୍ଥ ଅନେକ ନାଟକରେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇ ଦର୍ଶକ ମହଲରେ ପ୍ରଶଂସା ସାଉଁଟିଥିଲେ। ତାଙ୍କର ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଶନିବାର ସକାଳେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଯାଇଛି।



# ଘରୋଇ ସଂସ୍ଥା କ୍ଷୀର ନନେବାର ପ୍ରତିବାଦକଲେ ଦୁଗ୍ଧ ଚାଷୀ



**ଜହ୍ନାପଙ୍କ, ୨୬।୭(ସମିସ):** ରାଜ୍ୟ ସରକାର କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ଚାଷୀଙ୍କୁ ରିଆତି ଦରରେ ଗାଈ, ଦାନା, ଘାସ ମଞ୍ଜି ଏବଂ ତାଙ୍କ ରହିବା ପାଇଁ ଗୁହାଳ ଯୋଗାଇ ଦେଉଛନ୍ତି; କିନ୍ତୁ ଉତ୍ପାଦିତ କ୍ଷୀରର ବିକ୍ରି ବ୍ୟବସ୍ଥା ନକରିବାରୁ ଦୁଗ୍ଧ ଚାଷୀ ସବୁବେଳେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କରେ ଥିବା ଚାରିଶମ୍ଭୁ ଦୁଗ୍ଧ ସମବାୟ ସମିତି ପକ୍ଷରୁ ଏଭଳି ଅଭିଯୋଗ କରାଯାଇଛି। ସୂଚନାମତେ, ୧୯୯୨ରୁ ଜହ୍ନାପଙ୍କଠାରେ ସ୍ୱର୍ଗତ ଅଖିଳ ପ୍ରସାଦ ମିଶ୍ରଙ୍କ ପ୍ରଚେଷ୍ଟାରେ ଚାରିଶମ୍ଭୁ ଦୁଗ୍ଧ ସେବା ସମବାୟ ସମିତି ଆରମ୍ଭ ହୋଇଥିଲା। କିଛି ବର୍ଷ ବନ୍ଦ ହେବା ପରେ ୨୦୧୬ ମସିହାରେ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ପ୍ରଚେଷ୍ଟାରେ ପୁନଃ କାର୍ଯ୍ୟକ୍ଷମ ହେଲା। ସେହିଦିନ ଠାରୁ ଓମଫେଡକୁ କ୍ଷୀର ଦିଆଯାଉଥିଲା। ୪ ବର୍ଷ ପୂର୍ବେ ଓମଫେଡର ଜଣେ ଅଧିକାରୀ ୩୬୦ ଲିଟର କ୍ଷୀର ବାବଦ ଟଙ୍କା ନଦେବାରୁ ସେହି ଦିନଠାରୁ ସମିତି ପକ୍ଷରୁ ଓମଫେଡକୁ କ୍ଷୀର ଦେବା ବନ୍ଦ କରାଗଲା ଏବଂ ସେହିଦିନଠାରୁ ପୁରୁଣାକଟକର ଏକ ଘରୋଇ ସଂସ୍ଥା କ୍ଷୀର ନେଉଥିଲା। ଏକ ବର୍ଷ ପୂର୍ବରୁ ସମିତିର ସଭ୍ୟମାନେ ବୌଦ୍ଧ ଜିଲ୍ଲାପାଳ ଓ ସିଡିଭିଓଙ୍କୁ ଭେଟି ଓମଫେଡକୁ କ୍ଷୀର ଦେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ। ୧୫ ଦିନ ମଧ୍ୟରେ ଓମଫେଡ କ୍ଷୀର ନେବାର ବ୍ୟବସ୍ଥା କରୁଛୁ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତତ୍କାଳୀନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ କମିଟିକୁ ଭଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନଠାରୁ ଘରୋଇ ସଂସ୍ଥାକୁ କ୍ଷୀର ଦିଆଯାଉଥିଲା। ଆଜି ଉକ୍ତ ଘରୋଇ ସଂସ୍ଥା ଚାଷୀଙ୍କ କ୍ଷୀର ନେବାକୁ ନଆସିବାରୁ ପ୍ରାୟ ୫୦ରୁ ଅଧିକ ଦୁଗ୍ଧ ଚାଷୀ ସମିତି ଆଗରେ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏହାର ସମାଧାନ ନକଲେ ଜାତୀୟ ରାଜପଥ ୫୭କୁ ଜହ୍ନାପଙ୍କରେ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ।

# ଜ୍ୱାଇଁର ପଥର ମାଡ଼ରେ ଶଶୁର ମୃତ

**ମନମୁଣ୍ଡା, ୨୬।୭(ସମିସ):** ଜ୍ୱାଇଁର ପଥର ମାଡ଼ରେ ଶଶୁରଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଯାଇଛି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପଲସାଗୋରା ଗାଁରେ। ମୃତକ ହେଲେ ୬୦ ବର୍ଷୀୟ ବେଡ଼ା ବାଘ। ଗୁରୁବାର ରାତି ପ୍ରାୟ ୮ ଟା ସମୟରେ ଜ୍ୱାଇଁ ମାମୁଧନ ବାଘ ମଦ୍ୟପାନ କରି ଗ୍ରାମ ଦାଣ୍ଡରେ ଅସଭ୍ୟ ଭାଷାରେ ପାଟିତୁଣ୍ଡ କରିବା ସହ ଅନ୍ୟ ମାନଙ୍କ ସହ କଳିକଜିଆ ଲାଗିଥିଲା। ଶଶୁର ତାହା ଦେଖି ମନା କରିଥିଲେ; କିନ୍ତୁ ମାମୁଧନ ଓଲଟା ଗଣ୍ଡଗୋଳ କରିଥିଲା। ତାଙ୍କ ମୁହଁରେ ପଥର ମାଡ଼ କରିଥିଲା। ଏଥିରେ ଗୁରୁତର ଭାବେ ଆହତ ହୋଇ ବେଡ଼ା ସୋନପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧ୍ୟରାତ୍ରରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏପଟେ ଅଭିଯୁକ୍ତ ଜ୍ୱାଇଁ ମାମୁଧନ ଫେରାର ମାରିଛି। ମନମୁଣ୍ଡା ପୁଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ମାମୁଧନର ଘର ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ବେହେରାମାଲରେ। ସେ ଶଶୁର ଘର ଗାଁ ପଲସାଗୋରାରେ ରହୁଥିଲା।

# ଘୁଲଘୁଲାପଦରରେ ସ୍ୱତନ୍ତ୍ର ଗ୍ରାମସଭା

**ଶଗଡ଼ା, ୨୬।୭(ସମିସ):** ଶୁକ୍ରବାର ଅପରାହ୍ନ ସମୟରେ କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଘୁଲଘୁଲାପଦର ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ବିଆରସି ଅର୍ଜୁନ ଦାସ ସ୍ୱଚ୍ଛ ଭାରତ ଯୋଜନା ବିଷୟରେ ବୁଝାଇବା ସହ ଘରେ ଘରେ ପାଇଖାନା ବ୍ୟବହାର ଉପରେ ଲୋକଙ୍କୁ ସଚେତନ କରିଥିଲେ। ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା ବେଳେ ଉପସ୍ଥିତ ଲୋକେ ନିଜ ନିଜର ସମସ୍ୟା ବାବଦରେ ଅବଗତ କରିଥିଲେ। ଗ୍ରାମସଭାରେ ପୂର୍ଣ୍ଣ ସାହୁ ଓ ଦେବାଶିଷ ମଲ୍ଲିକଙ୍କ ସମେତ ଅନେକ ଗ୍ରାମବାସୀ ସହଯୋଗ କରିଥିଲେ।

# ସୋନପୁରରେ ପ୍ରତିଷ୍ଠାହେବ ଇଏସ୍ଆଇ ହସ୍ପିଟାଲ୍

**ସୋନପୁର, ୨୬।୭ (ସମିସ):** ସୋନପୁରରେ ଏକ ଇଏସ୍ଆଇ ହସ୍ପିଟାଲ୍ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଅନୁମୋଦନ କରିଛନ୍ତି। ରାଜ୍ୟର ସୋନପୁର ଏବଂ କେନ୍ଦୁଝରଠାରେ ଇଏସ୍ଆଇ ହସ୍ପିଟାଲ୍ ପ୍ରତିଷ୍ଠା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ହସ୍ପିଟାଲ୍ ଦ୍ୱାରା ଶ୍ରମିକ ଏବଂ ତାଙ୍କ ପରିବାର ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଜିଲ୍ଲା ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ମିଶ୍ର କହିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ସୋନପୁରରେ ଏକ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ସେ ଦାବି କରିଛନ୍ତି।

# ଅସହାୟ ଅବସ୍ଥାରେ ଦିନମଜୁରିଆ ଭୀମ



**ଚାରିଛକ, ୨୬।୭(ସମିସ):** ମଜୁରୀ କଲେ ଜଳେ ଚୁଲି। ଗତ ତିନିଧରି ଲଗାଣ ବର୍ଷା ଯୋଗୁଁ କାମଧନ୍ଦା ବନ୍ଦ। ହାତରେ ତେଲ ଲୁଣ କିଣିବାକୁ ପଇସାଟିଏ ନାହିଁ। ଗରିବଙ୍କ ପାଇଁ ଗ୍ରାମୀଣ ଆବାସରେ ପକ୍କା ଘର ମିଳୁଥିଲେ ବି ସେଥିରୁ ସେ ବଞ୍ଚିତ। ଏଭଳି ଅବସ୍ଥାରେ ଦୁଃଖ କଷ୍ଟରେ ଦିନ କାଟୁଥିବା ହରଭଙ୍ଗା ପଞ୍ଚାୟତ ଭେଜିଗୁଡା ଗ୍ରାମର ଭୀମସେନ ନାଏକ ଭଳି ଖଟିଖିଆ ଦିନ ମଜୁରିଆଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ମାଟି ଚାଳ ଛପର ଘରରୁ ମାଟି ଅତଡା ଖସିବା ସହିତ ଛାଉଣି ଛପର ଅଭାରୁ ଘରେ ପାଣି ଗଳୁଛି। ଆର୍ଥିକ ଅନଟନରେ ଜୀବନ କାଟୁଥିବା ଭୀମସେନ ବର୍ତ୍ତମାନ କାଦୁଅ ଘରେ ଅକଥନୀୟ ଅବସ୍ଥାରେ ଦିନ କାଟୁଥିବା ଜଣାପଡ଼ିଛି। ତୁରନ୍ତ ତାଙ୍କୁ ଆଗ୍ରାଧିକାର ଭିତିରେ ପକ୍କା ଘର ସହିତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସମାଜସେବୀ ବିଶିକେଶନ ପ୍ରଧାନ ଦାବି କରିଛନ୍ତି। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବଲାଙ୍ଗିର ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ସିପ୍

# ୧୯ ବୟସ ବର୍ଗ ବାଳିକା ଏକକ ଫାଇନାଲରେ ସମ୍ପଦା ଓ ନନ୍ଦିନୀଲାଲ

ବଲାଙ୍ଗିର, ୨୬।୭(ସମିସ)

ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜିଲ୍ଲା ବ୍ୟାଡମିଣ୍ଟନ ଚମ୍ପିୟାନସିପ୍ ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ପ୍ରାୟ ୬୦ଟି ମ୍ୟାଚ୍ ସମ୍ପୂର୍ଣ୍ଣ ହୋଇସାରିଛି। ଗତ ୨୫ ତାରିଖରେ ଉଦ୍‌ଘାଟିତ ହୋଇଥିବା ଏହି ପ୍ରତିଯୋଗିତା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଶୁକ୍ରବାର ଅନୁଷ୍ଠିତ ୧୯ ବୟସ

## ୧୭ ବୟସ ବର୍ଗ ବାଳିକା ଏକକରେ ଦୟା-ସମ୍ପଦା

ବର୍ଗର ଦୁଇଟି ବାଳିକା ସିଙ୍ଗଲ ସେମିଫାଇନାଲରେ ସମ୍ପଦା ମହାନ୍ତି ଓ ନନ୍ଦିନିଲାଲ ଯଥାକ୍ରମେ ତମନ୍ନା ସାହୁ ଓ ଦୟା ପଟେଲକୁ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛନ୍ତି। ୧୭ ବୟସ ବର୍ଗ ସିଙ୍ଗିଲ ବାଳିକା ସେମିଫାଇନାଲରେ ଦୟା ପଟେଲ ଓ ସମ୍ପଦା ମହାନ୍ତି ଯଥାକ୍ରମେ ନନ୍ଦିନି ଲାଲ ଓ ଶୁଭସ୍ମିତା ଛତ୍ରିଆକୁ ପରାସ୍ତ କରି ଫାଇନାଲକୁ ଉନ୍ନିତ ହୋଇଛନ୍ତି। ୧୫ ବୟସ ବର୍ଗ ସିଙ୍ଗଲ ବାଳିକା ବର୍ଗରେ ଶୁଭସ୍ମିତା ଛତ୍ରିଆ, ତମନ୍ନା ସାହୁ ଓ ଆଁଚଳ ମେହେର ଯଥାକ୍ରମେ ସୃଷ୍ଟିମୟୀ ବେହେରା, ଅନନ୍ୟା ଅଗ୍ରୱାଲ ଓ ସୋନାଲିକା ମେହେରଙ୍କୁ କ୍ୱାଟର ଫାଇନାଲରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛନ୍ତି।



ଏହି ଚାମ୍ପିଅନସିପରେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼, ତୁଷୁରା, କଣ୍ଟାବାଞ୍ଜି, ଟିଟିଲାଗଡ଼ ସହ ଅନ୍ୟାନ୍ୟ ଅଞ୍ଚଳର ବିଭିନ୍ନ ବୟସ ବର୍ଗର ପ୍ରାୟତଃ ୩୦୦ ଜଣ ବ୍ୟାଡମିଣ୍ଟନ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଉଭୟ ବାଳକ ବାଳିକା ସବ୍‌ଜୁନିୟର, ଜୁନିୟର, ପୁରୁଷ ଓ ମହିଳା ସମେତ ଭେଟେରାନ ବୟସ ବର୍ଗରେ ସିଙ୍ଗଲ ଓ ଡବଲ୍ସ ଚାମ୍ପିଅନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଆୟୋଜିତ ଏହି ଚମ୍ପିୟାନସିପ୍ କୁ ଉପଦେଷ୍ଟା ବିରେନ୍ଦ୍ର ମିଶ୍ର, ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ଉପସଭାପତି ଘନଶ୍ୟାମ ମିଶ୍ର, ସୁଶାନ୍ତ ଚୋପଦାର, ବୁଲୁ ବେହେରା, ସୁଧୀର ପଣ୍ଡା, ସନ୍ଦିପ ସାହାଣି, ଉନ୍ନୟନ କମିଟି ମୁଖ୍ୟ ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ସହଯୋଗ କରୁଛନ୍ତି। ସମୁଦାୟ ୧୨ ଜଣ ଅଫିସିଆଲ ଯଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥୀ, ସିଦ୍ଧାର୍ଥ ମିଶ୍ର, ସୁଶାନ୍ତ ମହାନ୍ତି, ପବନ ସାହୁ, ବୈଷ୍ଣବ କବାଟ, ଉପେନ୍ଦ୍ର ଚନ୍ଦନ, ସୌରଭ ପ୍ରଧାନ, ସ୍ମରଣିକା ବେହେରା, ରୋଶନ ଜୈନ, ସୁରେନ୍ଦ୍ର ନେପାଳ, କବି ଠାକୁର, କାହ୍ନୁଲାଲ, ଆକ୍ରମ ଖାନଙ୍କ ସହ ଚିପ୍ ରେଫରି ହେମନ୍ତ ପ୍ରଧାନ, ଡେପୁଟି ଚିପ୍ ରେଫରି ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ଖେଳ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ଖେଳ ଦେଖିବା ପାଇଁ ପ୍ରତ୍ୟେହ ଦର୍ଶକଙ୍କ ଭିଡ଼ ଲାଗି ରହୁଛି।

# ଉଦ୍ୟୋଗୀ ସୃଷ୍ଟି ଲକ୍ଷ୍ୟ ଉନ୍ନତମାନର ଚାରା ଉତ୍ପାଦନ ଦକ୍ଷତା ବୃଦ୍ଧି ତାଲିମ






**ସୁନ୍ଦରଗଡ଼, ୨୬।୭(ସମିସ)**

ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି) ଓ ଭାରତୀୟ କୃଷି ଗବେଷଣା ପରିଷଦ ଅନ୍ତର୍ଗତ ଜନଜାତି ଉପଯୋଜନାଙ୍କ ଆର୍ôଥକ ପ୍ରୋତ୍ସାହନରେ ଚାଲିଥିବା ପାଞ୍ଚଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶୁକ୍ରବାର ଉଦଯାପିତ ହୋଇଛି। ଶିବିରରେ ଜିଲ୍ଲାର ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୩୩ ମହିଳା ଓ ପୁରୁଷ (କୃଷି ଉତ୍ପାଦ କ୍ଲଷ୍ଟର)ଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାର ପନ୍ଥା ଭାବେ ପନିପରିବାର ଉନ୍ନତମାନର ଚାରା ଉତ୍ପାଦନ ଉପରେ ପ୍ରୟୋଗାତ୍ମକ ତାଲିମ ପ୍ରଦାନ କରାଯାଇଛି। ଚାରା ଉତ୍ପାଦନର ଆବଶ୍ୟକତା, ଚାରା ଉତ୍ପାଦନର ବିଭିନ୍ନ ମାଧ୍ୟମ ଓ ପଦ୍ଧତି, ଋତୁ ଅନୁଯାୟୀ ଚାରା ଉତ୍ପାଦନ, ରୋଗପୋକ ପରିଚାଳନା, ସରକାରୀ ପ୍ରୋତ୍ସାହନ ଏବଂ ବ୍ୟବସାୟିକ ଭିତ୍ତିରେ ଚାରା ଉତ୍ପାଦନର ଆୟବ୍ୟୟ ଅଟକଳ ଉପରେ ବିସ୍ତୃତ ଆଲୋଚନା କରି କ୍ଷେତ୍ରପ୍ରଦର୍ଶନ ମାଧ୍ୟମରେ ବୁଝାଯାଇଥିଲା। ଝାରସୁଗୁଡ଼ାସ୍ଥିତ ପଞ୍ଚଗାଁ, ଲଖନପୁର ବ୍ଲକର ଉଦ୍ୟୋଗୀ ସୁଶାନ୍ତ କୁମାର ପ୍ରଧାନଙ୍କ ଫାର୍ମକୁ ବହିଃ ପରିଦର୍ଶନରେ ଯାଇ ଟମାଟୋ, ବାଇଗଣ ଓ ଲଙ୍କାର କଲମୀକରଣ ପଦ୍ଧତିକୁ ମହିଳାମାନେ ବିଶେଷ ଭାବରେ ଅନୁଧ୍ୟାନ କରିଥିଲେ। ଏଥିରେ ପ୍ରଶିକ୍ଷକ ଭାବେ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ୍ ଜେମ୍ସ ବାଗେ, ଡ. ମନୋଜ କୁମାର ଜେନା, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଆଞ୍ଚଳିକ କୃଷି ଗବେଷଣା ଉପ-କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଞ୍ଜୀବ କୁମାର ବିଶ୍ୱାସୀ ପ୍ରମୁଖ ତାଲିମ ଦେଇଥିଲେ। ଉଦଯାପନୀ ଉତ୍ସବରେ ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ, କୃଷି ବିଶାରଦ ମୋନାଲିସା ପାଢ଼ୀ, ବିଷୟ ବିଶେଷଜ୍ଞ (ଜୀବନ ଜୀବିକା) ଗୋପାଳ ଚନ୍ଦ୍ର ଶୁକ୍ଳ ବ୍ୟବସାୟିକ ଭିତ୍ତିରେ ଚାରା ଉତ୍ପାଦନ କରିବା ପାଇଁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କ ମୂଲ୍ୟାଙ୍କନ କରାଯାଇ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ତାଲିମ ପୁସ୍ତିକା ପ୍ରଦାନ କରାଯାଇଥିଲା। କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷା ସପ୍ତାହ: ୫ମ ଦିନରେ ଦକ୍ଷତା ଦିବସ ପାଳିତ



**ସୁନ୍ଦରଗଡ଼, ୨୬।୭(ସମିସ):** ଜାତୀୟ ଶିକ୍ଷାନିତୀ-୨୦୨୦ର ଚତୁର୍ଥ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟରେ ଆୟୋଜିତ ଶିକ୍ଷା ସପ୍ତାହର ପଞ୍ଚମ ଦିବସକୁ ଦକ୍ଷତା ଦିବସ ରୂପେ ପାଳନ କରାଯାଇଛି। ଆଗାମୀ ଦିନରେ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀମାନେ କେମିତି ଉପକୃତ ହୋଇପାରିବେ ଏବଂ ଭବିଷ୍ୟତରେ ସେମାନଙ୍କ ବୃତ୍ତିରେ କିପରି ସାହାଯ୍ୟ କରିପାରିବେ, ତାହା ଉପରେ ଆଲୋଚନା କରାଯାଇଥିଲା। ଧନ୍ଦାମୂଳକ ଶିକ୍ଷାକୁ ସମସ୍ତ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାରଙ୍କ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ୩୯ଟି ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ଧନ୍ଦାଗତ ୭ଟି ବିଭାଗରେ ଶିକ୍ଷା ପ୍ରଦାନ କରାଯାଉଛି। ଏଥିରେ ପର୍ଯ୍ୟଟନ ଓ ଆତିଥ୍ୟ, କମ୍ପ୍ୟୁଟର, ଖାଦ୍ୟ ପ୍ରସ୍ତୁତି, ପାଇକାରୀ ବ୍ୟବସାୟ, ମଟରଯାନ ଓ କାରିଗରୀ, ଇଲେକ୍ଟ୍ରୋନିକ୍ସ, ସୌନ୍ଦର୍ଯ୍ୟ ଓ ସୁସ୍ଥତା ଆଦି ରହିଛି। ବିଦ୍ୟାଳୟଗୁଡ଼ିକରେ ଏହି ଧନ୍ଦାମୂଳକ ଶିକ୍ଷା ପ୍ରଦାନ ପାଇଁ ୭୮ ଜଣ ସ୍ୱତନ୍ତ୍ର ଶିକ୍ଷକ/ଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ଏହି ଅବସରରେ ବିଦ୍ୟାଳୟଗୁଡ଼ିକରେ କ୍ଷେତ୍ର ଭ୍ରମଣ, ଆଲୋଚନାଚକ୍ର ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ, ଆଗାମୀ ଦିନରେ କିପରି ଧନ୍ଦାମୂଳକ ଶିକ୍ଷାକୁ ସୁଦୂରପ୍ରସାରୀ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଧନ୍ଦାମୂଳକ ଶିକ୍ଷାର ଗୋଷ୍ଠୀର ସହଭାଗିତାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ଓ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସଙ୍କ ସମେତ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟରେ ଚାଲିଥିବା ଦକ୍ଷତା ଦିବସ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

# କୃଷକ ଉତ୍ପାଦକ ସଂଗଠନର ସଶକ୍ତୀକରଣ ଶିବିର




**ସୁନ୍ଦରଗଡ଼, ୨୬।୭(ସମିସ):** ସୁନ୍ଦରଗଡ଼ ନାବାର୍ଡ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ମିଳିତ ଆନୁକୂଲ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ରରେ କୃଷକ ଉତ୍ପାଦକ ସଂଗଠନର ଜିଲ୍ଲାସ୍ତରୀୟ ସଶକ୍ତୀକରଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ବିଭିନ୍ନ କୃଷି ବିଭାଗ ଏବଂ ଚାଷୀ ଉତ୍ପାଦକ ସଂଗଠନଗୁଡ଼ିକୁ ସମନ୍ୱୟ ମାଧ୍ୟମରେ ସଶକ୍ତ କରିବା ଏହି ଶିବିରର ଉଦ୍ଦେଶ୍ୟ। ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ସୁକାନ୍ତ କୁମାର ନାଇକ, ଓଏଆଇସିର ଜିଲ୍ଲା ପରିଚାଳକ ସୁବୋଧ ପାଣିଗ୍ରାହୀ, ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ଇଇଏ ପରମାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀ ଉତ୍ପାଦକ କମ୍ପାନୀଗୁଡ଼ିକର ମଣ୍ଡି ଲାଇସେନ୍ସ, ବିହନ ଲାଇସେନ୍ସ, ଏଫଏସଏସଏଆଇ ଲାଇସେନ୍ସ, ସାର ଲାଇସେନ୍ସ, ଇଏନଏଏମ ଲାଇସେନ୍ସ ଏବଂ ଓଏନଡିସି ପ୍ଲାଟଫର୍ମରେ ପଞ୍ଜୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୪ଟି ପିଏଫଓ, ସେବକ ସଂସ୍ଥାରୁ ୧୧ଟି କୃଷକ ଉତ୍ପାଦକ ସଂଗଠନ ଓ ଲାଲସି ସଂସ୍ଥାରୁ ୩ କୃଷକ ଉତ୍ପାଦକ ସଂଗଠନ ଭାଗ ନେଇଥିଲେ। ସେବକର କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜନ କୁମାର ଭୋକ୍ତା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଡିଡିଏମ ତାପସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସ୍କୁଟି ଚୋରି ଅଭିଯୋଗ

**ସୁନ୍ଦରଗଡ଼, ୨୬।୭(ସମିସ):** ସ୍କୁଟି ଚୋରି ନେଇ ତଳସରା ଥାନାରେ ଏତଲା ହୋଇଛି। ଲୁଲକିଡିହି ଗ୍ରାମର ଯୋଶେଫ ବାର୍ଲାଙ୍କ ସ୍କୁଟି କେହି ଚୋରାଇ ନେଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଷପିଇ ଆତ୍ମହତ୍ୟା ଅଭିଯୋଗ

**ସୁନ୍ଦରଗଡ଼, ୨୬।୭(ସମିସ):** ଧରୁଆଡିହି ଥାନା ଅନ୍ତର୍ଗତ ବଡ଼କଛାର ଗ୍ରାମର ଜଣେ ବ୍ୟକ୍ତି ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମର ରୂପେନ୍ଦ୍ର ଘାଷି କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

**ହେମଗିରି, ୨୬।୭(ସମିସ):** ହେମଗିରି ଥାନା ଅନ୍ତର୍ଗତ ଗର୍ଜନବାହାଲ-ସୁନ୍ଦରଗଡ଼ ମୁଖ୍ୟ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରପାଲି ଗ୍ରାମର ଚନ୍ଦ୍ରମଣି ବୁଢ଼ା (୬୫)। ଚନ୍ଦ୍ରମଣି ରାସ୍ତା ପାରି ହେଉଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ହେମଗିରି ଡାକ୍ତରଖାନା ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଏହି ଦୁର୍ଘଟଣା ପରେ ଉକ୍ତ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ତେବେ ବୁଝାଶୁଝା ପରେ ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

### ସବୁଜ ସ୍ମୃତି ଅଭିଯାନର ସଫଳ ପ୍ରୟାସ

# ଚାରା ଲଗାଇ ଜନ୍ମଦିନ ପାଳିଲେ ସାମାଜିକ କର୍ମୀ




**ସୁନ୍ଦରଗଡ଼, ୨୬।୭(ସମିସ):** ପ୍ରତ୍ୟେକ ମଣିଷ ପାଇଁ ନିଜ ଜନ୍ମଦିନ ଏକ ବିଶେଷ ସ୍ମରଣୀୟ ମୁହୂର୍ତ୍ତ। ସମସ୍ତେ ନିଜ ଜନ୍ମଦିନକୁ ହର୍ଷ ଉଲ୍ଲାସର ସହ ପାଳନ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। କିଏ କେକ୍ କାଟି ମଜା ମଜଲିସ କରିବାକୁ ଯୋଜନା କରେ ତ ଆଉ କିଏ ଭୋଜିଭାତ କରି ସ୍ୱତନ୍ତ୍ର କରିବାକୁ ଇଚ୍ଛା କରେ। ହେଲେ ନିଜ ଜନ୍ମଦିନରେ ୫୦ଟି ଚାରା ଲଗାଇ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିବା ସହ ପରିବେଶ ସଚେତନତା ବାର୍ତ୍ତା ଦେଇଛନ୍ତି ସାମାଜିକ କର୍ମୀ ବର୍ଷା ସାହୁ। ସବୁଜ ସ୍ମୃତି ଅଭିଯାନରେ ଅନୁପ୍ରାଣୀତ ହୋଇ ଟାଙ୍ଗରପାଲି ବ୍ଲକ ମହୁଲପାଲି ଗ୍ରାମର ଏକ ପଡ଼ିଆ ଜମିରେ ଲିମ୍ବ, କରଞ୍ଜ, ଜାମୁ, ଜଙ୍ଗଲ ଜିଲେବି, ପିଜୁଳି, ଆମ୍ବ ଆଦି ୫୦ ଚାରା ଲଗାଇ ଏହାର ଆଜୀବନ ଯତ୍ନ ନେବାକୁ ଶପଥ କରିଛନ୍ତି ବର୍ଷା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଝାରସୁଗୁଡ଼ା ଜିଲ୍ଲା ପାଇଁ 'ମୋ ଜଙ୍ଗଲ ଜମି ଯୋଜନା' ପ୍ରକଳ୍ପରେ ଜିଲ୍ଲା ସଂଯୋଜିକା ପଦବୀରେ ଥିବା ବର୍ଷା ନିଜ ଜନ୍ମଦିନର ଗୋଟିଏ ମାସ ପୂର୍ବରୁ ଚାରା ରୋପଣ ପାଇଁ ସବୁଜ ସ୍ମୃତି ଅଭିଯାନର ପ୍ରତିଷ୍ଠାତା ଓ ମୁଖ୍ୟ ଆବାହକ ଦିଗମ୍ବର ଉପାଧ୍ୟାୟଙ୍କ ସହିତ ଯୋଜନା କରିଥିଲେ। ସେବକ ଅନୁଷ୍ଠାନ ଓ ତାଙ୍କ କର୍ମକର୍ତ୍ତାଙ୍କ ସହଯୋଗରେ ଶୁକ୍ରବାର ଏହି ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ଷାଙ୍କ ଉଦ୍ୟମର ପ୍ରଶଂସା କରିବା ସହ ସବୁଜ ସ୍ମୃତି ଅଭିଯାନର ସଫଳତା କାମନା କରିଥିଲେ।

ସୂଚନାଯୋଗ୍ୟ, ୨୦୨୩ ଅଗଷ୍ଟ ୨୨ ତାରିଖ ଦିନ ବିଶିଷ୍ଟ ସମାଜସେବୀ ଦିଗମ୍ବର ଉପାଧ୍ୟାୟ ଏହି ସବୁଜ ସ୍ମୃତି ଅଭିଯାନର ଶୁଭାରମ୍ଭ କରିଥିଲେ। ନିଜର, ପରିବାରର ବା କୌଣସି ଅନୁଷ୍ଠାନର ବିଭିନ୍ନ ସ୍ମରଣୀୟ ଦିବସକୁ ଆହୁରି ସ୍ମରଣୀୟ କରିବା ପାଇଁ ଗୋଟିଏ ଗଛ ଲଗାଇ ଏହାର ଜୀବନ ସାରା ସୁରକ୍ଷାର ଭାର ନେବାର ପ୍ରତିବଦ୍ଧତାର ନିଆରା ପ୍ରତିଛବି ହେଉଛି ଏହି ସବୁଜ ସ୍ମୃତି ଅଭିଯାନ। ସେବକ ଅନୁଷ୍ଠାନର ସାହାଯ୍ୟ ତଥା ଗଛକୁ ଭଲ ପାଉଥିବା ବ୍ୟକ୍ତିବିଶେଷଙ୍କ ସକ୍ରିୟ ସହଯୋଗ ଯୋଗୁଁ ଏହି ଅଭିଯାନ ଅତି କମ୍ ସମୟରେ ଲୋକପ୍ରିୟତା ହାସଲ କରିପାରିଛି।

# ଅଙ୍ଗନବାଡ଼ି କେନ୍ଦ୍ର ନର୍ମାଣ ଟେଣ୍ଡରରେ ଅନିୟମିତତା ଅଭିଯୋଗ

**ସୁନ୍ଦରଗଡ଼, ୨୬।୭(ସମିସ):** କୁତ୍ରା ବ୍ଲକରେ ଅଙ୍ଗନବାଡ଼ି କେନ୍ଦ୍ର କୋଠା ନର୍ମାଣ ପାଇଁ ହୋଇଥିବା ଟେଣ୍ଡରରେ ଅନିୟମତତା ଅଭିଯୋଗ ହୋଇଛି। ଠିକାଦାର ଏମଡି ଗୁଲାମ ଗୌସ ଏହା ବିରୋଧରେ ଜିଲ୍ଲା ପ୍ରଶାସନରେ ଫେରାଦ ହୋଇଛନ୍ତି। ଏ ନେଇ ସେ ସୁନ୍ଦରଗଡ଼ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଦୁଃଖବନ୍ଧୁ ନାୟକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କୁତ୍ରା ବ୍ଲକରେ ୧୧ଟି ନୂତନ ଅଙ୍ଗନବାଡ଼ି କୋଠା ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହାର ଶେଷ ତାରିଖ ଗତ ମାସ ୨୫ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ରହିଥିଲା। ସେହିଦିନ ଅପରାହ୍ନ ୪ଟାରେ ଟେଣ୍ଡର ଖୋଲାଯାଇଥିଲା। ତେବେ ଖତକୁରବାହାଲ ଏମ୍‌ଡି ବସ୍ତି ଓ ସାନବର୍ଷା ପାଇଁ ପକାଯାଇଥିବା ଟେଣ୍ଡରରେ ଠିକାଦାର ରାଜନ ତନ୍ତୀଙ୍କ କାନାରା ବ୍ୟାଙ୍କର ଏହି ଡିଡିରେ ବ୍ୟାଙ୍କ ମ୍ୟାନେଜରଙ୍କ ଦସ୍ତଖତ ନ ଥିଲା। ଟେଣ୍ଡର ପକାଇଥିବା ଖତୁରବାହାଲ ଗ୍ରାମର ଏମଡି ଗୁଲାମ ଗୌସ ରାଜନଙ୍କ ଡିଡିରେ ବ୍ୟାଙ୍କ ମ୍ୟାନେଜରଙ୍କ ଦସ୍ତଖତ ନ ଥିବା ଅଭିଯୋଗ କରିବା ପରେ ସେ ବ୍ୟାଙ୍କରେ ବୁଝିବା ପାଇଁ କୁତ୍ରା ବ୍ଲକର ଜଣେ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ମଚାରୀ ଜଣକ ବ୍ୟାଙ୍କରେ ବୁଝାବୁଝି କରିବାରେ ଉକ୍ତ ଡିଡିରେ ବ୍ୟାଙ୍କ ମ୍ୟାନେଜରଙ୍କ ଦସ୍ତଖତ ନ ଥିବା ଓ ତାଙ୍କୁ ଫେରସ୍ତ କରାଯାଇଥିବା ଜଣାପଡ଼ିଥିଲା। ପରେ ବ୍ଲକ କର୍ମଚାରୀ ଉକ୍ତ ଡିଡିରେ ବ୍ୟାଙ୍କ ମ୍ୟାନେଜରଙ୍କ ଦସ୍ତଖତ କରାଇ ଟେଣ୍ଡର ପାସ୍ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଟେଣ୍ଡରରେ ମୋଟାଅଙ୍କର ଅର୍ଥ କାରବାର ହୋଇଥିବା ସନ୍ଦେହ କରାଯାଉଛି। ଏହି ଟେଣ୍ଡରରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାସ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏମଡି ଗୌସ ଅନୁରୋଧ କରିଛନ୍ତି।

# ସଚେତନତାର ଗୁରୁତ୍ୱ ଓ ସ୍କୁଲ ଶିକ୍ଷକଙ୍କ ଭୂମିକା ଉପରେ ତାଲିମ

**ସୁନ୍ଦରଗଡ଼, ୨୬।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ବିଭାଗ ସହଯୋଗରେ ମେଧାବୀ ପ୍ରଫେସନାଲ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ସମଗ୍ର ଜିଲ୍ଲାରେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ସଚେତନତାର ଗୁରୁତ୍ୱ ଏବଂ ସ୍କୁଲ ଶିକ୍ଷକଙ୍କ ଭୂମିକା ଉପରେ ଶିକ୍ଷକମାନଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ପ୍ରତି ବର୍ଷ ୧ ନିୟୁତରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିବା ଭାରତର ସର୍ବବୃହତ କ୍ୟାରିଅର ଗାଇଡାନ୍ସ ସଂସ୍ଥା ସୁନ୍ଦରଗଡ଼ ଜିଲ୍ଲାର ଶିକ୍ଷା ପରିଦୃଶ୍ୟରେ ପରିବର୍ତ୍ତନ ଆଣିବା ପାଇଁ ଏକ ମହତ୍ୱାକାଂକ୍ଷୀ ମିଶନ ଆରମ୍ଭ କରିଛି। ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏହାର ପ୍ରଥମ ପ୍ରମୁଖ ପ୍ରକଳ୍ପ ଆରମ୍ଭ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପରିବର୍ତ୍ତନ ସମୟରେ ଡ୍ରପ୍‌ଆଉଟ୍ ହାରକୁ ହ୍ରାସ କରିବା ଏବଂ ଛାତ୍ରଛାତ୍ରୀଙ୍କୁ ସ୍ପଷ୍ଟ ଏବଂ ସୂଚିତ କ୍ୟାରିଅର ବିକଳ୍ପ ପ୍ରଦାନ କରି ଉଚ୍ଚ ଅଧ୍ୟୟନରେ ନାମଲେଖା ବୃଦ୍ଧି କରିବା ଏହି ପଦକ୍ଷେପର ଲକ୍ଷ୍ୟ ରହିଛି। ଏହାର ମୂଳଦୁଆ ହେଉଛି ବିସ୍ତୃତ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ। ଏହି ତାଲିମ ଗ୍ରହଣ କରିବା ପରେ ଶିକ୍ଷକମାନେ ଅଧିକ ଅବଗତ ହୋଇ ଛାତ୍ରମାନଙ୍କୁ ଅଧିକ ପ୍ରଭାବଶାଳୀ ଭାବେ ମାର୍ଗଦର୍ଶନ କରିବା ସହ ଆତ୍ମବିଶ୍ୱାସ ଏବଂ ସ୍ପଷ୍ଟତା ସହିତ ସେମାନଙ୍କ ଶିକ୍ଷାଗତ ଯାତ୍ରାକୁ ସଫଳ କରିବାରେ ସାହାଯ୍ୟ କରିପାରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ପ୍ରୋଜେକ୍ଟ ମ୍ୟାନେଜର ଆଶିଷ ପଣ୍ଡା, ପ୍ରୋଜେକ୍ଟ ଅଫିସର ସ୍ନିଗ୍ଧାରାଣୀ ମହାନ୍ତ, ଆଇଡ୍ରିମ କ୍ୟାରିଅରର ପ୍ରତିଷ୍ଠାତା ଓ ସିଇଓ ଆୟୁଷ ବଂଶଲ, ସହ ପ୍ରତିଷ୍ଠାତା ଏନ୍. ପ୍ରବୀଣ କୁମାର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ୪୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## କାର୍ଗିଲ ବିଜୟ ଦିବସ ପାଳିତ



**ସୁନ୍ଦରଗଡ଼, ୨୬।୭(ସମିସ):** ଉଜ୍ଜ୍ୱଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ୍ କ୍ରସ୍ ମିଳିତ ସହଯୋଗରେ ୨୫ତମ କାର୍ଗିଲ୍ ବିଜୟ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ର କାର୍ଗିଲ ବିଜୟ ଦିବସର ଗୌରବମୟ ଇତିହାସ ତଥା ଆମ ସୈନ୍ୟବାହିନୀର ଯୁଦ୍ଧକୌଶଳ ଉପରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା ସମ୍ଭାଗର କାର୍ଯ୍ୟକ୍ରମ ସଞ୍ଚାଳିକା ଅଧ୍ୟାପିକା ଝରଣା ଆଚାର୍ଯ୍ୟ ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଯୁବ ରେଡ୍‌କ୍ରସ୍ ସମ୍ଭାଗର ଉପଦେଷ୍ଟା ଅରୁଣ କୁମାର ଦାଶ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିବା ବେଳେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଭୂୟାଁ ସାଂସ୍କୃତିକ ସମିତି ପକ୍ଷରୁ ଉପବାଚସ୍ପତିଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼, ୨୬।୭(ସମିସ)**

ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ପକ୍ଷରୁ ଓଡ଼ିଶା ବିଧାନସଭାର ନବନିର୍ବାଚିତ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ଧ୍ରୁବ କାଲୋଙ୍କ ଅଧ୍ୟକ୍ଷତାରେ ସମିତିର ଏକ

## ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ



ପ୍ରତିନିଧି ମଣ୍ଡଳୀ ଉପବାଚସ୍ପତି ଭୋଇଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସୁନ୍ଦରଗଡ଼ ଭୂୟାଁ ସମାଜର ଜଣେ ବ୍ୟକ୍ତି ରାଜ୍ୟ ସରକାରଙ୍କ ସାମ୍ବିଧାନିକ ପଦବୀ ମଣ୍ଡନ କରିବା ସମାଜର ସମ୍ମାନ ଓ ସୁନ୍ଦରଗଡ଼ ଜିଲ୍ଲାର ଗୌରବ ବୃଦ୍ଧି କରିଛି ବୋଲି ମତ ପ୍ରକାଶ ପାଇବା ସହ ଖୁସି ଜାହିର କରାଯାଇଥିଲା। ଭୂୟାଁ ସମାଜ ଓଡ଼ିଶା ରାଜ୍ୟର ଏକ ପ୍ରମୁଖ ଜନଜାତି। ରାଜନୈତିକ ଇତିହାସରେ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଏବଂ ସ୍ୱର୍ଗତ ଗଙ୍ଗାଧର ପ୍ରଧାନ, ସ୍ୱର୍ଗତ ଗଜାଧର ମାଝୀ ଓ ସ୍ୱର୍ଗତ ଗୋଲକ ବିହାରୀ ନାୟକ କ୍ୟାବିନେଟ୍ ମନ୍ତ୍ରୀ ରହିଥିବା ବେଳେ ଅନେକ ବିଧାୟକ ଓ ସାଂସଦ ହୋଇଛନ୍ତି। ଯାହା ଭୂୟାଁ ସମାଜ ପାଇଁ ଗୌରବର ବିଷୟ ହୋଇଥିବା ବେଳେ ଭୋଇ ଏବେ ଉପବାଚସ୍ପତି ହେବା ଭୂୟାଁ ସମାଜ ଇତିହାସରେ ଏକ ମାଇଲଖୁଣ୍ଟ ସ୍ଥାପନ ହୋଇଛି ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୂୟାଁ ସମାଜର ୩ଟି ପ୍ରମୁଖ ଦାବି ନେଇ ଉପବାଚସ୍ପତିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଭୂୟାଁ ସମାଜ ପାଇଁ ଜମି ପ୍ରଦାନ ଓ ଭୂୟାଁ ଭବନ ନର୍ମାଣ ଦିଗରେ ପଦକ୍ଷେପ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ବିପ୍ଲବୀ ମାଦ୍ରୀ କାଲୋଙ୍କ ନାମରେ ନାମିତ କରିବା, ଖଣ୍ଡାୟତ ଭୂୟାଁଙ୍କୁ ସରକାରଙ୍କ ଆଦିବାସୀ ତାଲିକାରେ ସାମିଲ ଆଦି ଦାବି ରହିଛି। ଉପବାଚସ୍ପତି ଏହି ୩ ଦାବି ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସଂଗଠନରେ ଉପାଧ୍ୟକ୍ଷ ବିଶିକେଶନ ନାୟକ, ସହସମ୍ପାଦକ ମାନସୀ ନାୟକ, ଜଗଦୀଶ ନାୟକ, କୋଷାଧ୍ୟକ୍ଷ ନୀଳମଣି ମାଝି, ସହ କୋଷାଧ୍ୟକ୍ଷ ନବୀନ ଗୁରୁ, ଉପଦେଷ୍ଟା ନେହେରୁ ଧମେଲ, ଗୟା ପ୍ରସାଦ ନାୟକ, ସନ୍ତୋଷ ନାୟକ, ଦୋଳଗୋବିନ୍ଦ ଠାକୁର ପ୍ରମୁଖ ସାମିଲ ଥିଲେ।

### ମା’ ଖଣ୍ଡୁଆଳି ମନ୍ଦିରରୁ ଚୋରି ଘଟଣା

# ବଣିଆ ସମେତ ୩ ଗିରଫ; ଟଙ୍କା, ସୁନା ଉଦ୍ଧାର








ଜଗତସିଂହପୁର,୨୬।୭ (ସମିସ)

ଚଳିତ ବର୍ଷ ଜୁନ୍ ମାସରେ ମା’ ଖଣ୍ଡୁଆଳି ମନ୍ଦିର କାଠୁଆପାଟଣା, ଯଶୋବନ୍ତପୁରରୁ ଚୋରି ହୋଇଥିବା ଦାନବାକ୍ସ ଓ ସୁନା ଚିତାକୁ ଜଗତ୍‌ସିଂହପୁର ପୁଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଚୋର ଓ ବେଆଇନ ସୁନା କିଣିଥିବା ବଣିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମା’ ଖଣ୍ଡୁଆଳି ମନ୍ଦିର କାଠୁଆପାଟଣାରୁ ଗତ ୨୬ ଜୁନ୍ ୨୦୨୪ରେ ଦୁର୍ବୃତ୍ତମାନେ ମା’ଙ୍କ ଦାନବାକ୍ସ ସହିତ ମୂର୍ତ୍ତିରୁ ସୁନା ଚିତା ଚୋରି କିରି ନେଇଥିଲେ। ଏହି ଘଟଣାରେ ପୂଜକ ଅନିରୁଦ୍ଧ ପତି ଜଗତସିଂହପୁର ଥାନାରେ ଅଭିଯୋଗ କରିବାପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ତଦନ୍ତ ଦାୟିତ୍ୱ ନେଇଥିଲେ ସବ୍‌ଇନ୍ସପେକ୍ଟର ଶୁଭ୍ରଜିତ ଦାସ। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲେ ମଧ ପୁଲିସକୁ ବିଶେଷ ସଫଳତା ମିଳିନଥିଲା। ତେବେ ପୁଲିସ ତଦନ୍ତରୁ ଏହି ମାଲାରେ ଜଗତସିଂହପୁର ଯଶୋବନ୍ତପୁର ଗ୍ରାମର ଜନାର୍ଦ୍ଦନ ପତିଙ୍କ ପୁଅ ରିଙ୍କୁ ଆଲିୟାସ ବିକାଶ କୁମାର ପାଢି (୨୪) ଓ ସେହି ଗ୍ରାମର ନାରାୟଣ ଭୋଇଙ୍କ ପୁଅ ମୁନା ଆଲିୟାସ ନରେନ୍ଦ୍ର ଭୋଇ(୨୮) ସମ୍ପୃକ୍ତ ଥିବା ଜଣାପଡିଥିଲା। ଉକ୍ତ ଦୁଇଜଣଙ୍କୁ ପୁଲିସ ଉଠାଇ ଆଣି ପଚରା ଉଚରା କରିବାପରେ ସେମାନେ ଉକ୍ତ ଚୋରି ସୁନାକୁ କଲେଜ ଛକ ନିକଟରେ ଥିବା ଗୋବିନ୍ଦ ସାହୁ ଜୁଏଲାରୀର ମାଲିକ ପରମାନନ୍ଦ ସାହୁଙ୍କୁ ବିକିଥିବା ପ୍ରକାଶ କରିଥିଲେ। ପୁଲିସ ପକ୍ଷରୁ ଉକ୍ତ ଜୁଏଲାରୀ ମାଲିକଙ୍କୁ ପଚରା ଉଚରା ପରେ ସେ ଏହାକୁ ଥାନାରେ ସ୍ୱୀକାର କରିଥିଲେ। ଏହି ଘଟଣାରେ ପୁଲିସ ମନ୍ଦିରରୁ ଚୋରି ହୋଇଥିବା ସୁନା ଚିତା, ୨,୦୩୫ ଟଙ୍କା ଓ ଦାନବାକ୍ସକୁ ଜବତ କରିଛି। ଏହି ମାଲାରେ ମୋଟ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେଠାରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାପରେ ସେମାନଙ୍କୁ ଆଲିପିଙ୍ଗଳ ଜେଲ୍‌କୁ ପଠାଇ ଦିଆଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ୨୦୧୬ ମସିହାରେ ନରେନ୍ଦ୍ର ଭୋଇ ଏକ ଡକାୟତି ମାମଲାରେ ଓ ବିକାଶ ପାଢି ୨୦୧୯ରେ ପାଣିପମ୍ପ ଚୋରି ମାମଲାରେ ସମ୍ପୃକ୍ତ ଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଦୟାସିନ୍ଧୁଙ୍କୁ ଓଏଲ୍‌ଏମ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳକ ଦାୟିତ୍ୱ ହସ୍ତାନ୍ତର ନିର୍ଦ୍ଦେଶ

**କେନ୍ଦ୍ରାପଡା,୨୬।୭ (ସମିସ):** କେନ୍ଦ୍ରାପଡା ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟାସିନ୍ଧୁ ପରିଡାଙ୍କୁ ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକଙ୍କ ଅତିରିକ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତିଙ୍କୁ ଆଜି ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଭାବେ ଗତ ୨ ଅଗଷ୍ଟ ୨୦୨୨ଠାରୁ ଅତିରିକ୍ତ ଦାୟିତ୍ୱରେ ଥିବା ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ସେନାପତିଙ୍କଠାରୁ ଅତିରିକ୍ତ ଦାୟିତ୍ୱକୁ ଜିଲ୍ଲାପାଳ ଆଜିଠାରୁ ପ୍ରତ୍ୟାହାର କରିନେଇଛନ୍ତି। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ପରିଡା ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ସେନାପତି ଓଡିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକଙ୍କ ଦାୟିତ୍ୱ ତୁରନ୍ତ ଶ୍ରୀ ପରିଡାଙ୍କୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସମ୍ପର୍କରେ ଜିଲ୍ଲାପାଳଙ୍କ ଏକ ନିର୍ଦ୍ଦେଶନାମା ଆଜି ପ୍ରକାଶ ପାଇଛି।

## ଅଗ୍ନିବୀର ଚୟନ ନିମନ୍ତେ ପରାମର୍ଶ ଶିବିର



**କେନ୍ଦ୍ରାପଡା,୨୬।୭ (ସମିସ):** ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନିବୀର (ବାୟୁସେନା) ଚୟନ ନିମନ୍ତେ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ଏବଂ ଛତାସ୍ଥିତ ସରକାରୀ ପଲିଟେକନିକ୍‌ଠାରେ ଏହି ଶିବିର ଆୟୋଜନ ହୋଇଥିଲା। ଏହି ଶିବିରରେ ଭୁବନେଶ୍ୱରସ୍ଥିତ ୯ ଏୟାରମ୍ୟାନ୍ ଚୟନ କେନ୍ଦ୍ରର ସରଜେଣ୍ଟ ଦୀପକ ଏବଂ ରାହୁଲ ଯୋଗଦେଇ ବାୟୁସେନାରେ ଭର୍ତ୍ତି ନିମନ୍ତେ ଆବଶ୍ୟକୀୟ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ବିଷଦ୍ ଆଲୋଚନା କରିଥିଲେ। ଅନ୍‌ଲାଇନ୍ ଫର୍ମ ପୂରଣଠାରୁ ଶାରୀରିକ ପରୀକ୍ଷା ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ଆବଶ୍ୟକୀୟ ପ୍ରସ୍ତୁତି ସମ୍ପର୍କରେ ଆଶାୟୀ ପିଲାଙ୍କୁ ଗୋଟି ଗୋଟି କରି ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଘନଶ୍ୟାମ ସା, ସମ୍ପୃକ୍ତ କଲେଜ୍‌ର ଅଧକ୍ଷ ଓ କର୍ମଚାରୀମାନେ ଆବଶ୍ୟକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। ୧୫୦ରୁ ଊର୍ଦ୍ଧ୍ୱର୍ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରି ଅଗ୍ନିବୀର (ବାୟୁ ସେନା)ରେ ନିଜର କ୍ୟାରିୟର କରିବାକୁ ଆଗ୍ରହ ପ୍ରକାଶ କରିଥିଲେ।

## ଗାନ୍ଧୀ ମୂର୍ତ୍ତି ଭଙ୍ଗା ଘଟଣାକୁ ବିଭିନ୍ନ ସଂଗଠନର ବିରୋଧ



**ଜଗତସିଂହପୁର,୨୬।୭ (ସମିସ):** ଜଗତସିଂହପୁର ସହରର ଗାନ୍ଧିଛକଠାରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତିକୁ ଜନୈକ ଠିକାଦାର ଭାଙ୍ଗି ଦେବା ଘଟଣାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଇଛି। ପୌର ପରିଷଦ, ଜଗତସିଂହପୁରର ଏଭଳି ଖାମଖିଆଲି କାର୍ଯ୍ୟକଳାପକୁ ବିରୋଧ କରି ଶୁକ୍ରବାର ଅପରାହ୍ନରେ ଗାନ୍ଧିବାଦୀ ଓ ସର୍ବୋଦୟ ନେତା ଗୌରାଙ୍ଗ ହୋତା, ଦୁର୍ନୀତି ବିରୋଧୀ ଅଭିଯାନର ଆବାହିକା ବିଜୟଲକ୍ଷ୍ମୀ ମହାପାତ୍ର, ସାମାଜିକ କର୍ମୀ ଗୋବିନ୍ଦ ଓଝା, ସିଭିଲ ସୋସାଇଟି ଫୋରମ୍ ଆବାହକ ନିରଞ୍ଜନ ବାରିକ, ସର୍ବୋଦୟ କର୍ମୀ ରବି ମହାନ୍ତି, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଞ୍ଜନ ସ୍ୱାଇଁ, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା, ସର୍ବୋଦୟ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମନୋରମା ନାଥ, ପ୍ରିୟଙ୍କା ମହାପାତ୍ର, ପ୍ରତିମା ମହାନ୍ତି, ସବିତା ଦାସ, ଶୈଳବାଳା ମଣ୍ଟାନ, ଶକୁନ୍ତଳା ଦାସ, ଅନିମ୍ମା ମଣ୍ଟାନ, ରାକେଶ ଦାସ, ଅସ୍ମିତା ମାହାନ୍ତି, ପ୍ରଦୀପ କୁମାର ବିହାରୀ, ଜଗନ୍ନାଥ ବେହେରା, ଅନନ୍ୟ ମହାନ୍ତି, ସାଚ୍ଚିଦକ୍ଷନନ୍ଦ ଦାସ ପ୍ରଭୃତି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କୁ ସୂଚନା ନଦେଇ ରାତିରେ ମୂର୍ତ୍ତି ଭାଙ୍ଗିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଘୋର ଅପମାନ ଏବଂ ଗାନ୍ଧୀ ପ୍ରେମୀମାନଙ୍କ ଭାବାବେଗ ପ୍ରତି କୁଠାରାଘାତ ହୋଇଥିବାରୁ, ପ୍ରଶାସନ ଏହି ଘଟଣାରେ ସର୍ବ ସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିବା ସହିତ ଅଗଷ୍ଟ ପନ୍ଦର ତାରିଖ ପୂର୍ବରୁ ନୂତନ ଗାନ୍ଧୀ ମୂର୍ତ୍ତି ସ୍ଥାପନର ବ୍ୟବସ୍ଥା କରାଯିବା ପାଇଁ ସେମାନେ ଦାବି କରିଥିଲେ।

### ସରକାରଙ୍କ ତାଳଗଛ ମିଶନ୍‌କୁ ଫୁଁ’

# ପୋଖରୀ ହୁଡ଼ାରୁ କାଟିଦେଲେ ୧୫ ତାଳଗଛ

**ରାଜନଗର,୨୬।୭ (ସମିସ):** ୨୫ଦିନ ତଳେ ରାଜ୍ୟ ସରକାର ତାଳଗଛର ସୁରକ୍ଷା ଓ ବ୍ୟାପକ ତାଳଗଛ ରୋପଣ ପାଇଁ ନିୟମ ପ୍ରଣୟନ କଲେ। ରାଜ୍ୟରେ ବୃଦ୍ଧି ପାଉଥିବା ବଜ୍ରାଘାତ ମୃତ୍ୟୁ ସଂଖ୍ୟାକୁ ଦେଖିବା ପରେ ତାର ନିରାକରଣ ପାଇଁ ସରକାର ବ୍ୟାପକ ତାଳଗଛ ରୋପଣ ପାଇଁ ଏପରି ପଦକ୍ଷେପ ନେଇଛନ୍ତି। ଏଥିସହିତ ତାଳଗଛ କଟାଯିବା ଉପରେ ରୋକ ଲଗାଇଛନ୍ତି। ସରକାରୀ ଜାଗାରୁ ତାଳଗଛ କାଟିବା ଉପରେ ରୋକ ଲାଗିଥିବା ବେଳେ ବ୍ୟକ୍ତିଗତ ଜମିରେ ଥିବା ତାଳଗଛ କାଟିବା ପୂର୍ବରୁ ବନବିଭାଗର ଅନୁମତି ନିହାତି ଜରୁରୀ। ବନବିଭାଗ ଅନୁମତି ବିନା ତାଳଗଛ କଟାଯାଇ ପାରିବ ନାହିଁ। ଏପରିସ୍ଥଳେ ଗୋଟିଏ ସ୍ଥାନରେ ବନବିଭାଗର ବିନା ଅନୁମତିରେ କିପରି ୧୫ଟି ତାଳଗଛ କାଟି ଦିଆଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି।



ରାଜନଗର ରେଞ୍ଜ ଅନ୍ତର୍ଗତ ବଡପଲ୍ଲୀ ଗାଁରେ ବେଧଡକ ଭାବେ ତାଳଗଛ କାଟି ଦିଆଯାଇଛି। ଏହି ଗାଁର ନିକୁ ବଳଙ୍କ ପୋଖରୀ ହୁଡାରେ ଥିବା ୧୫ଟି ତାଳଗଛକୁ ମୂଳରୁ କାଟି ଦିଆଯାଇଛି। ତାଳ ସହ ଗଛ ଗୁଡିକ ପୋଖରୀ ମଧରେ ପଡିଛି। ମାତ୍ର ୧୦୦ ଫୁଟ ମଧରେ ପୋଖରୀ ହୁଡାରେ ଥିବା ବହୁ ଦିନର ପୁରୁଣା ତାଳଗଛକୁ ଏକାସାଙ୍ଗରେ କାଟି ଦିଆଯିବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ସେହି ସ୍ଥାନରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ କହିବା କଥା ହେଲା ନଡିଆ ଗଛରେ ନଡିଆ ଫଳୁ ନଥିଲା। ନଡିଆ ଗଛ ପାଖରେ ଏହି ତାଳଗଛ ଥିଲା। ନଡିଆ ଗଛ ପାଇଁ ତାଳଗଛକୁ କଟାଯାଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କୁ ପଚାରିବାରୁ ଖବର ପାଇବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

## ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ବିଜୟ ଦିବସ ପାଳିତ





ରାଜନଗର,୨୬।୭ (ସମିସ): ରାଜନଗର ବ୍ଲକ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାର୍‌ଗିଲ ଯୁଦ୍ଧରେ ସହିଦ ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସୁରକ୍ଷା ମଞ୍ଚର ସ୍ମୃତି ରଞ୍ଜନ ସେଠୀ, ସୁକୁମାର ମାନ୍ନା, ପଦ୍ମଲୋଚନ ପରିଡା, ମନୋରଞ୍ଜନ ସ୍ୱାଇଁ, ସୌଭାଗିନୀ ଦାସ, ରଶ୍ମୀତା ରାଉତ, ଝୁଲିଆ ସେଠୀ, ଝାନ୍ସୀ ନାୟକ, କାଜଲ ନାୟକ, ସୋନାଲୀ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସେଠୀ, ଅଭିଷେକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

### ଶୁଦ୍ଧିକ୍ରିୟା ପାଇଁ ସୋସିଆଲ ମିଡିଆରେ ନିବେଦନ ଘଟଣା

# ଖବର ପ୍ରକାଶ ପରେ ଛୁଟିଲା ସହାୟତାର ସୁଅ

ନ୍ଦ୍ରାପଡ଼ା,୨୬।୭ (ସମିସ)

ଦୈନିକ ସକାଳ ଖବର କାଗଜରେ ଖବର ପ୍ରକାଶ ପରେ ଦୁଇ ଅନାଥ ପିଲାଙ୍କୁ ମା’ର ଶୁଦ୍ଧିକ୍ରିୟା ପାଇଁ ସହାୟତାର ସୁଅ ଛୁଟିଛି। ଦୁଇ ଅନାଥ ପିଲାଙ୍କ ପାଖରେ ପହଞ୍ଚି ଅନେକ ବ୍ୟକ୍ତି ସହାୟତା କରିଛନ୍ତି। ଏହାଛଡ଼ା ଫୋନ ପେ, ଗୁଗଲ ପେ ଆଉ ପେଟିଏମ ଜରିଆରେ ହଜାର ହଜାର ଟଙ୍କା ସହାୟତା ମିଳିଛି।

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ ମାଆଙ୍କ ମୃତ୍ୟୁପରେ ବେସାହାରା ହୋଇ ଯାଇଥିଲେ ଦୁଇ ନାବାଳକ ଆଶିଷ ସେଠୀ ଓ ଦେବାଶିଷ ସେଠୀ। ସୂଚନା ଥାଉକି ବାପା ତ୍ରିଲୋଚନ ସେଠୀ ୩ ବର୍ଷ ହେବ ମୃତ୍ୟୁବରଣ କଲେଣି। ବାପାଙ୍କ ମୃତ୍ୟୁ ପରେ ଛାତିକୁ ପଥର କରି ଦୁଇ ପୁଅଙ୍କ ସହିତ ଦୁଃଖ କଷ୍ଟରେ ବଞ୍ଚୁଥିଲେ ତିନି ପ୍ରାଣୀ। ହେଲେ ଗତ ୮ ଦିନ ପୂର୍ବେ ମାଆ ନମିତାଙ୍କର ମସ୍ତିଷ୍କାଘାତରେ ମୃତ୍ୟୁ ହୋଇଥିଲା। ଜୀବନକୁ ବୁଝିବା ଆରମ୍ଭରୁ ବାପା ମାଆଙ୍କୁ ହରାଇ ଦୁଇଭାଇ ଆଶିଷ ଓ ଦେବାଶିଷ ବେସାହାରା ହୋଇପଡିଥିଲେ। ଶୁଦ୍ଧିକ୍ରିୟା କିପରି କରିବେ ଚିନ୍ତାରେ ଥିଲେ। ଏହି ଘଟଣାଟି ଦୈନିକ ଖବର କାଗଜ ‘ସକାଳ’ ସାମ୍ନାକୁ ଆଣିବା ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ସହଯୋଗ ପାଇଁ ଉଦ୍ୟମ ହୋଇଥିଲା। ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ୧,୫୦୦ ଟଙ୍କା, ମହାକାଳପଡ଼ା ଯୋଗାଣ ଅଧିକାରୀ ସ୍ୱରୂପ ଦାସ ୫,୦୦୦ ଟଙ୍କା, ହେମନ୍ତ ସ୍ୱାଇଁ ୫,୦୦୧ ଟଙ୍କା, ଏହାଛଡ଼ା ଗରଦପୁର ବ୍ଲକ ବିଜିପୁର ଅଞ୍ଚଳର କମଳାକାନ୍ତ ରାଉତରାୟ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହାଛଡ଼ା ଅନେକ ବ୍ୟକ୍ତି ଖବର ପଢି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଆର୍ଥିକ ରାଶି ପଠାଇଛନ୍ତି। ଏହା ସହିତ ୟୁଥ୍ ଗ୍ରୁପର ସଦସ୍ୟ ରମାକାନ୍ତ ଦାସ ଦୁଇ ଅନାଥ ନାବାଳକଙ୍କୁ ସାଙ୍ଗରେ ଧରି ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ। ଜିଲ୍ଲାପାଳ ଏ ଘଟଣାରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।




## ପୂର୍ବତନ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ଦିବସ



**କେନ୍ଦ୍ରାପଡା,୨୬।୭ (ସମିସ):** ପୂର୍ବତନ ସୈନିକ ସଂଘ ଆନୁକୂଲ୍ୟରେ ସଙ୍ଘର ସଭାପତି ଅନରାରୀ କ୍ୟାପଟେନ ସୁରେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ତିନିମୁହାଣୀ ଛକସ୍ଥିତ ସହିଦସ୍ତମ୍ଭ ପରିସରରେ ୨୫ ତମ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଓ ଦୀପଦାନ କରାଯିବା ପରେ ସହିଦ ବୀର ଯବାନମାନଙ୍କ ପାଇଁ ଦୁଇ ମିନଟ ନିରବ ପ୍ରାଥନା କରାଯାଇଥିଲା। କାର୍ଗିଲ ଯୁଦ୍ଧ ଲଢିଥିବା ପ୍ରଦୀପ ପାତ୍ର, ବିଚିତ୍ର କୁମାର ନାୟକ, ଶତୃଘ୍ନ ଓଝା, ବ୍ରଜକିଶୋର ସାହୁ ଏବଂ କ୍ୟାପଟେନ ଅଭୟ କୁମାର ଲେଙ୍କାଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ର, କ୍ୟାପଟେନ ଅଭୟ କୁମାର ଲେଙ୍କା, ସୁବେଦାର ମେଜର ବ୍ରଜକିଶୋର ସାହୁ, ୱାରେଣ୍ଟ ଅଫିସର ପ୍ରଦୀପ ପାତ୍ର, ସଂଘର ପ୍ରତିଷ୍ଠାତା ଆଇନଜୀବୀ ମହେଶ୍ୱର କର, ସୁବେଦାର ପ୍ରଦୀପ ସାହୁ, ସୁବେଦାର ବିଚିତ୍ର କୁମାର ନାୟକ, ପ୍ରଫୁଲ୍ଲ ଉପାଧ୍ୟାୟ, ପ୍ରଭାତ ରାଉତ, ନାରାୟଣ ଜେନା, ଗୌରାଙ୍ଗ ସ୍ୱାଇଁ, କୈଳାଶ ରାଉତ, ହୃଷିକେଶ ସୁତାର, ଜଗନ୍ନାଥ ନାୟକ, ଅଞ୍ଜନ ପରିଡା, ନିରଞ୍ଜନ ଦାସ, ଅମର ଦାସ, ସମାଜସେବୀ ରଞ୍ଜିତ ସିଂ ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### କାର୍‌ଗିଲ ଦିବସରେ ସହିଦ୍ ସଚ୍ଚିଦାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

# ବାଧ୍ୟବାଧକତାରେ ମନେ ପକାଇଲା ବ୍ଲକ ପ୍ରଶାସନ

ରାଜକନିକା,୨୬।୭ (ସମିସ)

### ଭଙ୍ଗା ସ୍ମୃତିସ୍ତମ୍ଭରେ ଫୁଲମାଳ ଦେଲେ ଅଧିକାରୀ



କାର୍‌ଗିଲ୍ ଯୁଦ୍ଧରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡା ପଞ୍ଚାୟତ କଣ୍ଡିଆ ଗାଁର ଏକମାତ୍ର ସହିଦ୍ ସଚ୍ଚିଦାନନ୍ଦଙ୍କୁ ବିଜୟ ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କଣ୍ଡିଆ ଫାଣ୍ଡି ପଡ଼ିଆ ସ୍ମୃତି ଉଦ୍ୟାନରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ବ୍ଲକ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ମାତ୍ର ଏହା ବାଧ୍ୟବାଧକତାରେ କରାଯାଇଥିବା ମନେହେଉଛି।

ସୂଚନା ଅନୁସାରେ କାରଗିଲ ଯୁଦ୍ଧରେ ସହିଦ୍‌ଙ୍କ ସଚ୍ଚିଦାନନ୍ଦଙ୍କ ମରଶରୀର କଣ୍ଡିଆ ଗାଁରେ ପହଞ୍ଚିବା ପରେ ଫାଣ୍ଡି ପଡ଼ିଆରେ ତୋପ ସଲାମୀ ସହ ତାଙ୍କ ଶେଷକୃତ୍ୟ ହୋଇଥିଲା। ଏହି ବୀରଙ୍କ ବଳିଦାନକୁ ମନେ ରଖିବାକୁ ଏଠାରେ ସହିଦ୍ ଉଦ୍ୟାନ ସହିତ ସହିଦ୍‌ସ୍ତମ୍ଭ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋରଦାର ହୋଇଥିଲା। ଏଥିପାଇଁ ବି ସହିଦ୍ ସ୍ମୃତି କମିଟି ମଧ ଗଠନ ହୋଇଥିଲା। ତେବେ ବିଳମ୍ବରେ ହେଉ ପଛେ କଣ୍ଡିଆ ଫାଣ୍ଡି ପଡ଼ିଆରେ ନିର୍ମାଣ ହେଲା ସହିଦ୍ ଉଦ୍ୟାନ, ସହିଦ୍ ସ୍ତମ୍ଭ ଓ ସହିଦଙ୍କ ପ୍ରତିମୂର୍ତ୍ତି। ଲକ୍ଷ୍ୟ ଥିଲା ସଚ୍ଚିଦାନନ୍ଦଙ୍କ ବୀରତ୍ୱ ଗାଥାକୁ ଆଗାମୀ ପିଢ଼ି ଏଠାକୁ ଆସି ଦେଖିବେ ଆଉ ବୁଝିବେ। ହେଲେ ରକ୍ଷଣା ବେକ୍ଷଣ ଅଭାବରୁ ସହିଦ୍ ଉଦ୍ୟାନ ବିପର୍ଯ୍ୟୟ ହୋଇପଡ଼ିଛି। ସ୍ମୃତିସ୍ତମ୍ଭରୁ ମାର୍ବଲ ଖସି କଦାକାର ହୋଇଥିବାବେଳେ ସହିଦ୍ ଉଦ୍ୟାନ ସତ୍ତା ହରାଇଲାଣି।

କେବଳ ବିଶିଷ୍ଟ ଦିନମାନଙ୍କରେ ସ୍ଥାନୀୟ ବିଦ୍ୟାଳୟ ପିଲା ଆସି ଫୁଲମାଳ ଦେଇଥାନ୍ତି। ସବୁଠାରୁ ଚକିତ କଲା ଭଳି କଥା ହେଉଛି ଏହି ବୀର ପୁରୁଷଙ୍କ ପାଇଁ ସରକାରୀ ଅଧିକାରୀ ଗେଣ୍ଡୁହାରଟିଏ ପକାଇବାରେ କାର୍ପଣ୍ୟ କରିଥାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ସମାଲୋଚନା ବି ହୋଇଛି। ଗତବର୍ଷ ବି ସଚ୍ଚିଦାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ପକାଇ ସ୍ଥାନୀୟ ସରପଞ୍ଚ ଧିରେନ ଯେନା ପ୍ରଶଂସା ସାଉଁଟି ଥିଲେ। ଆଜି କିନ୍ତୁ ସହିଦ୍‌ଙ୍କ ପାଇଁ ରାଜକନିକା ବିଡ଼ିଓ ପୃଥିରାଜ ପରିଡ଼ା ନିଜେ ଆସି ସହିଦ୍‌ଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଦେବା ତାଙ୍କୁ ସାଧାରଣରେ ଯେତିକି ପ୍ରଶଂସା କରାଯାଉଛି ସେତିକି ମଧ ଚକିତ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟିର ସଭାପତି ଶିବରାମ ଦାସ, କଣ୍ଡିଆ ଫାଣ୍ଡି ଅଧିକାରୀ ଦେବାଶିଷ ପଣ୍ଡା, ସରପଞ୍ଚ ଧିରେନ ଯେନା, ସିଆରସିସି କୃଷ୍ଣ ଚନ୍ଦ୍ର ମଲିକ, ସ୍ଥାନୀୟ ମିଶନ ଶକ୍ତିର ମାଆ, ଏମ୍‌ବିକେ, ସିଆରପିଙ୍କ ସହିତ କଣ୍ଡିଆ ପ୍ରାଇମେରୀ ସ୍କୁଲର କୁନି କୁନି ପିଲା ଯୋଗଦେଇ ସଚ୍ଚିଦାନନ୍ଦଙ୍କ ବୀରତ୍ୱ ଗାଥାକୁ ମନେ ପକାଇଥିଲେ। ଏଭଳି ବିପର୍ଯ୍ୟସ୍ତ ସହିଦ୍ ଉଦ୍ୟାନ, ସହିଦ୍ ସ୍ମୃତି ସ୍ତମ୍ଭ ଆଉ ସଚ୍ଚିଦାନନ୍ଦଙ୍କ ପ୍ରତିମୂର୍ତ୍ତିର କଦାକାର ରୂପକୁ ନେଇ ବିଡ଼ିଓଙ୍କୁ ଉପସ୍ଥିତ ସ୍ମୃତି କମିଟି ପକ୍ଷରୁ ଅବଗତ କରାଯାଇଥିଲା। ବିଡ଼ିଓ ଶ୍ରୀ ପରିଡ଼ା ଏହାକୁ ଗୁରୁତର ସହ ନେଇ ପଦକ୍ଷେପ ନେବେ ବୋଲି ସରପଞ୍ଚ ଧିରେନ ଯେନା କହିଛନ୍ତି।

